## ସଂକ୍ଷେପରେ

### ଗଞ୍ଜାମ ଷ୍ଟେଶନ ରେଳଧାରଣାରୁ ମୃତଦେହ ଉଦ୍ଧାର

**ଗଞ୍ଜାମ,୨।୯(ଡି.ଏନ.ଏ.):** ଗଞ୍ଜାମ ଷ୍ଟେଶନ ରେଳଧାରଣା ପ୍ଲାଟଫର୍ମ ୩ରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି । ମୃତ ଯୁବକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେ ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବା ଏବଂ ବୟସ ୩୫ ରୁ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ଗତ ରାତିରେ ଟ୍ରେନ ଧକ୍କାରେ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଶରୀରରୁ ମୁଣ୍ଡ ଅଲଗା ହୋଇ ପଡ଼ିଛି। ଏନେଇ ଗଞ୍ଜାମ ଷ୍ଟେଶନ ମାଷ୍ଟର ଜିଆରପି ପୋଲିସକୁ ଅବଗତ କରାଇଥିବା ସୂଚନା ମିଳିଛି ।

### ଏସିଆନ୍ ବଡିବିଲଡିଂ ଚାମ୍ପିୟନଶିପ୍ ଭାଗ ନେବେ ଛତ୍ରପୁରର ବଲାଲ ଖାନ୍



**ଛତ୍ରପୁର,୨।୯(ଡି.ଏନ.ଏ.):** ୫୨ତମ ଏସିଆନ୍ ବଡିବିଲଡିଂ ଚାମ୍ପିୟନଶିପ (ମିଷ୍ଟର ଏସିଆ-୨୦୧୮) ରେ ଭାଗ ନେବା ପାଇଁ ଗଞ୍ଜାମ ଜିଲା ଛତ୍ରପୁରର ବଲାଲ ଖାନ୍ ମନୋନୀତ ହୋଇଛନ୍ତି। ଅକ୍ଟୋବର ୫ ରୁ ୭ ତାରିଖ ପର୍ଯ୍ୟନ୍ତ ଏହି ଚାମ୍ପିୟନଶିପ୍ ମହାରାଷ୍ଟ୍ର ପୁଣେର ବାଲେୱାଡି ମହାଲୁଙ୍ଗରେ ଅନୁଷ୍ଠିତ ହେବ। ଏହାକୁ ଇଣ୍ଡିଆନ୍ ବଡି ବିଲଡର୍ସ ଫେଡେରେଶନ ଆୟୋଜନ କରୁଛି। ୬୫ କି.ଗ୍ରା. ବିଭାଗରେ ବଲାଲ୍ ଭାଗ ନେବେ। ଶନିବାର ଛତିଶଗଡ ରାୟପୁରର ବୁଦ୍ଧ ତଲାବସ୍ଥିତ ବଲବୀର ସିଂ ଜୁନେଜା ଇଣ୍ଡୋର ଷ୍ଟାଡିୟମରେ ଟିମ୍ ଇଣ୍ଡିଆ ସିଲେକ୍ସନ ହୋଇଥିଲା। ଏଥିରେ ୩୦ ଜଣ ଭାଗ ନେଇଥିଲେ। ସେଥିରୁ ବଲାଲଙ୍କ ସମେତ ୫ ଜଣ ମିଷ୍ଟର ଏସିଆ-୨୦୧୮ ଚାମ୍ପିୟନଶିପ ପାଇଁ ମନୋନୀତ ହୋଇଛନ୍ତି। ଏହାକୁ ଛତିଶଗଡ ପ୍ରଦେଶ ବଡି ବିଲଡର୍ସ ଆସୋସିଏଶନ, ରାୟପୁର ଜିଲା ବଡିବିଲଡିଂ ଆସୋସିଏଶନ ଓ ଅନ୍ ଫିଟ୍‌ନେସ୍ ପକ୍ଷରୁ ଆୟୋଜନ କରାଯାଇଥିଲା। ବଲାଲ ପୋଲିସ ବିଭାଗର କର୍ମଚାରୀ ଅଛନ୍ତି। ପୂର୍ବରୁ ବଲାଲ ବିଭିନ୍ନ ଚାମ୍ପିୟନଶିପରେ ଭାଗ ନେଇ ସଫଳତା ଆଣିଛନ୍ତି। ବ୍ରହ୍ମପୁରରେ ଅନୁଷ୍ଠିତ ସିନିୟର ମିଷ୍ଟର ଓଡିଶା ବଡିବିଲଡିଂ ଚାମ୍ପିୟନଶିପରେ ଭାଗ ନେଇ ବଲାଲ ସ୍ୱର୍ଣ୍ଣ ପଦକ, ପାଟଣାରେ ଅନୁଷ୍ଠିତ ଫେଡେରେଶନ କପ୍ ବଡିବିଲଡିଂ ନ୍ୟାଶନାଲ୍ସରେ ବ୍ରୋଞ୍ଜ ଓ ଇଷ୍ଟର୍ଣ୍ଣ ଇଣ୍ଡିଆ ବଡି ବିଲଡିଂ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ପାଇଥିଲେ।

### ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା

**ବେଗୁନିଆପଡ଼ା,୨।୯(ଡି.ଏନ.ଏ.):** ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ଓ ମେଧାବୀ ପାଇଁ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା କରାଯାଇଥାଏ । ଶନିବାର ଏହି ବ୍ଲକର ବେଗୁନିଆପଡ଼ାସ୍ଥିତ ଜନତା ନୋଡାଲ ବିଦ୍ୟାଳୟରେ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୨୪୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୮ ଜଣ ଅନୁପସ୍ଥିତ ଥିଲେ । ବିଇଓ କମଳାକାନ୍ତ ସାହୁ ଓ ପ୍ରଧାନ ଶିକ୍ଷକ କେ.ଭୀମରାଜୁ ପାତ୍ର ପରୀକ୍ଷା ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

## ■ ସୁରଟରେ ଗଞ୍ଜାମର ୭ ଲକ୍ଷ ଓଡ଼ିଆ ଶ୍ରମିକ

# ସଂଗଠିତ କରିବ ବିଜୁ ଶ୍ରମିକ ସାମ୍ମୁଖ୍ୟ

**ବ୍ରହ୍ମପୁର ଅଫିସ,୨।୯**

■ଓଡ଼ିଆ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

■ଓଡ଼ିଶା ପର୍ବ କରିବ ଭାଜପା

ଗୁଜରାଟ ପ୍ରଦେଶର ଶିଳ୍ପ ଓ ବାଣିଜ୍ୟିକ ସହର ସୁରଟରେ ଅଛନ୍ତି ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଓଡ଼ିଆ । ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାର ପ୍ରାୟ ୭ ଲକ୍ଷ ଓଡ଼ିଆ ଶ୍ରମିକ ଥିବା ହିସାବ କରାଯାଇଛି । ପ୍ରବାସୀ ଓଡ଼ିଆଙ୍କୁ ନିଜ ପକ୍ଷକୁ ଟାଣିବା ଲାଗି ବିଜେଡି ଓ ଭାଜପାର ଦୃଷ୍ଟି ପଡ଼ିଛି । ଗଞ୍ଜାମର ଓଡ଼ିଆ ଶ୍ରମିକମାନଙ୍କୁ ବିଜେଡି ଶ୍ରମିକ ସାମ୍ମୁଖ୍ୟର ସଦସ୍ୟ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଯାଇଛି ।

ସୂଚନାଯୋଗ୍ୟ, ଏହି ଶ୍ରମିକମାନେ ଗଞ୍ଜାମ ଜିଲା ପୋଲସରା, ଖଲ୍ଲିକୋଟ, କବିସୂର୍ଯ୍ୟନଗର, ସୋରଡ଼ା, ଆସିକା ଓ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ସର୍ବାଧିକ ବୋଲି ହିସାବ କରାଯାଇଛି । କେତେକ ଶ୍ରମିକ ପରିବାର ସହ ସୁରଟରେ ରହୁଛନ୍ତି ଓ ଆଉ କେତେକ ସେଠାରେ ବିଭିନ୍ନ ବ୍ୟବସାୟ ମଧ୍ୟ କରୁଛନ୍ତି । ସେମାନେ ଗଞ୍ଜାମ ଜିଲାର ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ତେଣୁ ପଞ୍ଚାୟତ ଓ ସାଧାରଣ ନିର୍ବାଚନ ବେଳେ ବିଭିନ୍ନ ଦଳର ନେତା ଓ ପ୍ରାର୍ଥୀମାନେ ସେମାନଙ୍କୁ ନିଜ ଗାଁକୁ ଆଣିବାର ବ୍ୟବସ୍ଥା କରି ମତଦାନ କରାଇଥାନ୍ତି ।

ଗତ ସପ୍ତାହରେ ଜିଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୁରଟ ଗସ୍ତରେ ଯାଇଥିଲେ। ଏଥିରେ ପୋଲସରା ବିଧାୟକ ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲା ସଭାପତି ଶ୍ରୀକାନ୍ତ ସାହୁଙ୍କ ସମେତ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ଅଧ୍ୟକ୍ଷ ସୁରଥ ପ୍ରଧାନ, ଯୁବ ବିଜେଡି ଜିଲା ସଭାପତି ଏନ. ଧନଞ୍ଜୟ ରାଓ ସାମିଲ ହୋଇଥିଲେ। ଏହା ପୂର୍ବରୁ ଓଡ଼ିଆ ସଂଗଠନର ଏକ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଓ ଏମ୍‌ପି ପ୍ରଶାନ୍ତ ନନ୍ଦ ଯୋଗ ଦେଇଥିଲେ। ଧନଞ୍ଜୟଙ୍କ ସୂଚନା ପ୍ରକାରେ ସୁରଟରେ ଓଡ଼ିଆ ସଂଗଠନ ପକ୍ଷରୁ ଗଞ୍ଜାମ ବିଜେଡି ନେତୃବୃନ୍ଦଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା । ସେମାନେ ବିଜୁ ଶ୍ରମିକ ସାମ୍ମୁଖ୍ୟରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା ।

ଭୁବନେଶ୍ୱରରୁ ସୁରଟକୁ ସିଧାସଳଖ ବିମାନ ଚଳାଚଳ ଏବଂ ଲକ୍ଷ ଲକ୍ଷ ଓଡ଼ିଆ ଥିବାରୁ ଓଡ଼ିଶା ସରକାର ସେଠାରେ ଓଡ଼ିଶା ଭବନ ନିର୍ମାଣ ପାଇଁ ସଂଗଠନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ଏହାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁରଟ ଗସ୍ତରେ ଆସି ପ୍ରବାସୀ ଓଡ଼ିଆଙ୍କ ସହ ଆଲୋଚନା କରିବାକୁ ସଂଗଠନର ନେତାମାନେ ଅନୁରୋଧ କରିଥିଲେ । ପ୍ରତିନିଧି ଦଳ ଫେରିବା ପରେ ସୁରଟ ଗସ୍ତ ନେଇ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଯୁବ ବିଜେଡି ଯୁବନେତା ଏଠାରେ ସୂଚାଇଛନ୍ତି ।

ଅନ୍ୟପକ୍ଷରେ ସୁରଟ ଓଡ଼ିଆ ସଂଗଠନର ନେତା ଓ ସଦସ୍ୟମାନେ ଗତ ସୋମବାର ଭୁବନେଶ୍ୱରରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ ଏବଂ ସୁରଟ ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ । ନବୀନ ସହମତି ମଧ୍ୟ ପ୍ରକାଶ କରିଥିବା ଜଣାପଡ଼ିଛି। ଆସନ୍ତା ଅକ୍ଟୋବର ବା ନଭେମ୍ବରରେ ମୁଖ୍ୟମନ୍ତ୍ରୀ ସୁରଟ ଯିବାର କାର୍ଯ୍ୟକ୍ରମ ରହିଛି । ସୁରଟକୁ ନିୟମିତ ବିମାନ ସେବା ଯୋଗାଇବାକୁ ନବୀନ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଚିଠି ମଧ୍ୟ ପଠାଇଛନ୍ତି । ପୁରୀ -ଅହମ୍ମଦାବାଦ ଏବଂ ଓଖା ପୁରୀ ଏକ୍ସପ୍ରେସ ଟ୍ରେନରେ ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ବଗି ସଂଯୋଗ ଲାଗି ମୁଖ୍ୟମନ୍ତ୍ରୀ ରେଳମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ତେଣୁ ପ୍ରବାସୀ ଓଡ଼ିଆଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଥିବା ସ୍ପଷ୍ଟ ହୋଇଛି ।

ବିଜେଡିର ଏହିସବୁ କାର୍ଯ୍ୟକ୍ରମ ଦେଖି ସୁରଟର ଓଡ଼ିଆଙ୍କୁ ନିଜ ପକ୍ଷକୁ ଟାଣିବା ଲାଗି ଭାଜପା ମଧ୍ୟ ରଣନୀତି ପ୍ରସ୍ତୁତ କରିଛି। ଚଳିତ ମାସ ପ୍ରଥମ ସପ୍ତାହରୁ ଦୁଇଦିନିଆ ଓଡ଼ିଶା ପର୍ବ ସୁରଟରେ କରିବାର ପଦକ୍ଷେପ ନିଆଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାର ଆୟୋଜକ ଥିବା ବେଳେ ଏହି ପର୍ବରେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନି ଓ ଅନ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଭାଜପା ପକ୍ଷରୁ ସୂଚନା ମିଳିଛି। ତେଣୁ ଭୋଟ ରାଜନୀତି ପାଇଁ ସୁରଟ ଓଡ଼ିଆଙ୍କ ଉପରେ ନଜର ପକାଇଛନ୍ତି ବିଜେଡି ଓ ଭାଜପା ।

## ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳିତ



ଅତିଥିଙ୍କ ସହ ରାଧାକୃଷ୍ଣ ବେଶରେ କୁନିକୁନି ପିଲା ।

**ଛତ୍ରପୁର,୨।୯(ଡି.ଏନ.ଏ.)**

ଛତ୍ରପୁର ଶ୍ରୀରାମନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ବ୍ରହ୍ମପୁର ଚିନ୍ମୟ ମିଶନ ଆଙ୍କୁଲି ଶାଖା ବ୍ରହ୍ମଚାରୀ ଅନୁରାଗ ଚୈତନ୍ୟ ଯୋଗଦେଇ ଏହି ଦିବସର ମାହାତ୍ମ୍ୟ ଉପରେ କହିଥିଲେ। ପ୍ରଧାନାଚାର୍ଯ୍ୟ ମହେଶ୍ୱର ସ୍ୱାଇଁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା ସମିତି ସଭାପତି ରଜନୀକାନ୍ତ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଶିଶୁ ମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ସମ୍ପାଦକ ଟି. ଭେଙ୍କେଟ କ୍ରିଷ୍ଣେୟା, କୋଷାଧ୍ୟକ୍ଷ ଏ. ରାବଣା ରାଓଙ୍କ ସମେତ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶ୍ରୀକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଛତ୍ରପୁରସ୍ଥିତ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଛତ୍ରପୁର ଶାନ୍ତି ଅନୁଭୂତି କେନ୍ଦ୍ରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମାକୁମାରୀ ଭଉଣୀମାନେ ନନ୍ଦ ରାଜା ଓ ଯଶୋଦା ଭୂମିକାରେ ଏବଂ କୁନି କୁନି ଶିଶୁମାନେ ଶ୍ରୀକୃଷ୍ଣ ଓ ରାଧା ବେଶ, ଗୋପୀ ଗୋପାଳୁଣୀ ବେଶ ସାଜି ନୃତ୍ୟ ପରିବେଷଣ କରିଥିଲେ।

## ପତିତପାବନ କମିଟିର ଶପଥ ପାଠ, ଦାୟିତ୍ୱ ହସ୍ତାନ୍ତର




ଅତିଥିଙ୍କ ସହ କମିଟିର କର୍ମକର୍ତ୍ତା।

**ଦାରିଙ୍ଗବାଡ଼ି,୨।୯(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପତିତପାବନ କମିଟିର ଜଗନ୍ନାଥ ମନ୍ଦିର ସଭାଗୃହରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଆଶୁତୋଷ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ବେହେରା, ବଣିକ ସଂଘ ସଭାପତି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଫାର୍ମାସିଷ୍ଟ ମନୋଜ ପାତ୍ର, ୱାର୍ଡ଼ ସଭ୍ୟ ତରଣୀ ସାହୁ ଓ ସାମାଜିକ କର୍ମୀ ରାକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ମନ୍ଦିରର ସମସ୍ତ ଖର୍ଚ୍ଚ ହିସାବ ସହ ସଭ୍ୟ ସଂଗ୍ରହ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ମନ୍ଦିର ବିକାଶ ପାଇଁ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବ୍ଲକ ଅଞ୍ଚଳର ଏହି ମନ୍ଦିର ଉପରେ ଅଞ୍ଚଳର ବାଡାବାଙ୍ଗା ସମେତ କିରୁକୁଟି, ଦାରିଙ୍ଗବାଡ଼ି, ତିଲୋରୀ, ବୁଡାଗୁଡ଼ା, ଶ୍ରାନିକେତା ଓ ପର୍ତ୍ତମାହା ଆଦି ପଞ୍ଚାୟତବାସୀ ନିର୍ଭର କରଛନ୍ତି। ସେମାନଙ୍କ ପାଇଁ ମନ୍ଦିରରେ ସୁବିଧା କରାଯିବା ସହ ଚାରାରୋପଣ, ଚଟାଣ ସହ ପାଚେରି କରିବାକୁ ଆଲୋଚନା କରାଯାଇଥିଲା। ସେହିପରି ବିଧାୟକଙ୍କ ପାଣ୍ଠିରୁ କୋଠା ନିର୍ମାଣ ଅଧାପନ୍ତରିଆ ହୋଇରହିଛି ତାକୁ ସମ୍ପୂର୍ଣ୍ଣ କରାଯିବାକୁ କମିଟି ବିଡିଓଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଆଲୋଚନା ହୋଇଛି। ପରେ ପୂର୍ବତନ ସଭାପତି ପୀତାମ୍ବର ସାହୁ ସଭ୍ୟ ଚାନ୍ଦା ବାବଦକୁ ୨ଲକ୍ଷ ୬୦ ହଜାର ଟଙ୍କା ନୂତନ ସଭାପତି ଏବଂ କମିଟିକୁ ପ୍ରଦାନ କରିବା ସହ ମନ୍ଦିରର ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ପରେ କମିଟିର ନୂତନ ସଭାପତି ଏସ୍.ପ୍ରକାଶ ରାଓ ସୁବୁଦ୍ଧିଙ୍କୁ ବଣିକ ସଂଘ ସଭାପତି ଅରୁଣ କୁମାର ସାହୁ ଶପଥ ପାଠ କରାଇଥିଲେ। ସେହିପରି ଅନ୍ୟ କର୍ମକର୍ତ୍ତାଙ୍କୁ ଆଇନଜୀବୀ ପ୍ରବୀର କୁମାର ସାହୁ ଶପଥ ପାଠ କରାଇବା ସହ ନିଜେ କମିଟିର ଆଇନ ପରାମର୍ଶଦାତା ରହିଥିବାରୁ ସେ ମଧ୍ୟ ଶପଥ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂତନ କମିଟି ଉପସଭାପତି ଜିତେନ୍ଦ୍ର ସାହୁଙ୍କ ସମେତ ସହସମ୍ପାଦକ ଅଶ୍ୱିନ ସାହୁ, କୋଷାଧ୍ୟକ୍ଷ ଅଶୋକ ବେହେରା, ଉପଦେଷ୍ଟା କମିଟିର ପ୍ରଫୁଲ୍ଲ ପାତ୍ର, କେଦାରନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ଆଲୋକ ସାହୁ, ଶଙ୍କର ଆଚାରି ନାଥ ମାଝି ଓ ବନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ପୋଲିସ ସମିତି ବୈଠକ

**ତୁମୁଡିବନ୍ଧ,୨।୯(ଡି.ଏନ୍.ଏ.)**

କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନାରେ ଶୁକ୍ରବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଉମେଶ ଚନ୍ଦ୍ର ଦଣ୍ଡସେନା ସଭାପତିତ୍ୱ କରିଥିବାବେଳେ ସରକାରୀ ଅଧିକାରୀ ଭାବେ ତହସିଲଦାର ଚନ୍ଦ୍ରହାସ ନାୟକ, ତୁମୁଡିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ବାବାଶଙ୍କର ସରାଫ ଯୋଗ ଦେଇଥିଲେ। ତହସିଲଦାର ନାୟକ ପୋଲିସ ଓ ଜନସାଧାରଣଙ୍କ ସମ୍ପର୍କ ନେଇ ଲୋକଙ୍କୁ ବୁଝାଇଥିବାବେଳେ ଭାରପ୍ରାପ୍ତ ଥାନା ଅଧିକାରୀ ନାବାଳିକା ବିବାହ ରୋକିବା ସହ ଦଲାଲଙ୍କ ପ୍ରତି ସାବଧାନ ରହିବାକୁ ଉପସ୍ଥିତ ଲୋକଙ୍କୁ କହିଥିଲେ। ଉପସ୍ଥିତ ସଦସ୍ୟମାନଙ୍କ ତରଫରୁ ସୁଧାଂଶୁ ପରାସେଟ ୫ନଂ ରାଜ୍ୟ ରାଜପଥ ଉନ୍ନତିକରଣ ବେଳେ ତୁମୁଡିବନ୍ଧ ବଜାରରେ କରାଯାଇଥିବା ଡ୍ରେନ୍ ଲିକ୍ ହୋଇ ଆବର୍ଜନା ପାଣି ଦୋକାନ ଭିତରେ ପଶୁଥିବାରୁ ତୁରନ୍ତ ଏହାର ସମାଧାନ ଦାବି କରିଥିଲେ। ସେହିପରି ତୁମୁଡିବନ୍ଧରେ ଥିବା ଠିପିବନ୍ଦ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର କରାଯିବାକୁ ଦାବି କରିଥିଲେ ଉପସ୍ଥିତ ସଭ୍ୟସଭ୍ୟା।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର
ସଂଶୋଧନ ପତ୍ର
ତା.୦୧.୦୯.୨୦୧୮ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ କ୍ର. ନଂ. ୮ ରେ ଦର୍ଶିତ ଋଣଗ୍ରହୀତା: ମେସର୍ସ ପାବନି ଫେରୋ ଆଲଏକ୍ ପ୍ରା. ଲିଃ.ର 'ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା' ସ୍ତମ୍ଭରେ ଦର୍ଶିତ "ଜାମିନ୍‌ଦାରମାନେ: ୧) ଶ୍ରୀ ଜଳଧର ଜେନା, ୨) ଶ୍ରୀ ପାରେଶ୍ୱର ଜେନା' ପରିବର୍ତ୍ତେ "ଜାମିନ୍‌ଦାରମାନେ: ୧) ସିଏଚ୍. ପ୍ରଭାତ କେଶରୀ ମିଶ୍ର, ପିତା: ୰ ସିଏଚ୍. ଧିରେନ୍ଦ୍ର ନାଥ ମିଶ୍ର, ୨) ବିଶ୍ୱଜିତ ମିଶ୍ର, ପିତା: ସିଏଚ୍. ପ୍ରଭାତ କେଶରୀ ମିଶ୍ର, ୩) ଶ୍ରୀମତୀ ଅର୍ଚ୍ଚନା ମିଶ୍ର, ପିତା: ବୈଦ୍ୟନାଥ ନନ୍ଦ, କ୍ର.ନଂ. ୧, ୨ ଏବଂ ୩ଙ୍କ ଠିକଣା- ସା: ଜି+୩, କସ୍ତୁରୀ ଇଷ୍ଟେଟ୍, ବ୍ଲକ୍-ବି, ଅଶୋକ ନଗର, ଥାନା: ନିୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୪) ରବିନ୍ଦ୍ର ନାଥ ପଟ୍ଟନାୟକ, ପିତା: ୰ ନଗେନ୍ଦ୍ର ନାଥ ପଟ୍ଟନାୟକ, ସା: ଏଚ୍‌ଆଇଜି-୩୧, ଜୟଦେବ ବିହାର, ବିଡ଼ିଏ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା" ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ତା.୦୧.୦୯.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

## ନବବଧୂ ମୃତ୍ୟୁ ଘଟଣା, ତଦନ୍ତ କରୁଛି ପୋଲିସ

**କୁକୁଡ଼ାଖଣ୍ଡି,୨।୯(ଡି.ଏନ.ଏ.)**

ଆଙ୍କୁଶପୁର ସଦର ଥାନା ଅଧୀନ ବଉଳଖୋଳି ଗ୍ରାମରେ ଗତ ୨୪ ତାରିଖରେ ନବବଧୂ ମନୀଷା ବିଷୋୟୀଙ୍କ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଇଛି। ଘଟଣା ଦିନ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ବିଷ ପିଇ ତାଙ୍କର ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି। ମନୀଷା କେଉଁ କାରଣରୁ ବିଷ ପିଇ ଆତ୍ମହତ୍ୟା କରିଛନ୍ତି ବା ତାଙ୍କୁ କିଏ ବଳପୂର୍ବକ ବିଷ ପିଆଇ ହତ୍ୟା କରିଛି ଏହାର ତଦନ୍ତ ସଦର ପୋଲିସ କରୁଥିବା ଜଣାପଡ଼ିଛି । ତଦନ୍ତରେ ମନୀଷାଙ୍କ ସମ୍ପର୍କୀୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ସୂଚନା ଅନୁଯାୟୀ ବଉଳଖୋଳି ଗ୍ରାମର ବିଷୋୟୀ ସାହିର ଭାଗୀରଥି ବିଷୋୟୀଙ୍କୁ ମନୀଷା ଦେଢ଼ବର୍ଷ ତଳେ ବିବାହ କରିଥିଲେ। ସ୍ୱାମୀ ଭାଗୀରଥି ସୁରଟ ଚାଲି ଯାଇଥିଲେ। ତେବେ ମନୀଷା ଶାଶୁ ଏବଂ ଶ୍ୱଶୁରଙ୍କ ସହ ବଉଳଖୋଳି ଗ୍ରାମରେ ରହୁଥିଲେ । ଗତ ୨୪ ତାରିଖରେ ଘର ଶୌଚାଳୟରୁ ମନୀଷାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମନୀଷାଙ୍କ ମାମୁ ନରେଶ ପାତ୍ର ମୋ ଭାଣିଜୀଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥିବା ସଦର ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ ୧୮୮/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସୂଚନା ଦେଇଛି ।

## ନାରୀ ସଶକ୍ତିକରଣ କର୍ମଶାଳା

**ଆସିକା,୨।୯(ଡି.ଏନ୍.ଏ.)**

ଆସିକା ବଣିକ ସଂଘ ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଅଶୋକା ସିନେମା ହଲ୍ ଠାରେ ନାରୀ ସଶକ୍ତୀକରଣ ଓ ବ୍ୟବସାୟିକ କ୍ଷେତ୍ରରେ ନାରୀମାନଙ୍କ ଭୂମିକା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବଣିକ ସଂଘର ସଭାପତି ଅରୁଣ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟକ ଦେବରାଜ ମହାନ୍ତି ମୁଖ୍ୟଅତିଥି, ରାଜ୍ୟ ସମାଜ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଲତିକା ପ୍ରଧାନ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ରୂପେ ଆସିକା ଏନ୍.ଏ.ସି. ଅଧ୍ୟକ୍ଷା ମଧୁସ୍ମିତା ପୋଲାଇ ଓ ଓଡିଆ ଟେଲି ଧାରାବାହିକ ନିର୍ଦ୍ଦେଶିକା ଅତସୀ ପରିଚ୍ଛା ପଟ୍ଟନାୟକ ଯୋଗଦେଇ ବିଷୟ ଭିତ୍ତିକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବର୍ତ୍ତମାନ ସମାଜର ବିଭିନ୍ନ କ୍ଷେତ୍ରରେ ନାରୀମାନେ ସେମାନଙ୍କ ପାରଦର୍ଶିତା ପ୍ରତିପାଦିତ କରି ଆସିଥିଲା ବେଳେ ବ୍ୟବସାୟିକ କ୍ଷେତ୍ରରେ ନାରୀଙ୍କ ଭୂମିକା ସାମଗ୍ରୀକ ଭାବରେ ଏକାନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ସଂଘର ସମ୍ପାଦକ ରାମରଂଜନ ଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

SBC ସମ୍ବଲପୁରୀ ବସ୍ତ୍ରାଳୟ

ଗଣେଶ ପୂଜା ଓ ନୂଆଁଖାଇ
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ବିଶେଷ ସରକାରୀ ରିହାତି
୧୦% + ୨୦%
ଅବଧି ତା୦୨।୦୯।୨୦୧୮ରୁ ତା୧୩।୦୯।୨୦୧୮ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍‌ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ ।

## ସମବାୟବିତ୍‌ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଧରାକୋଟ,୨।୯(ଡି.ଏନ୍.ଏ.):** ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ସହକାରୀ ପରିଚାଳକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ଧରାକୋଟ ଶାଖା ସମବାୟ ବ୍ୟାଙ୍କ (ମୁଣ୍ଡମରାଇ) ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆସିକା ସମବାୟକେନ୍ଦ୍ର ବ୍ୟାଙ୍କ ସଭାପତି ବୀରେନ୍ଦ୍ର କୁମାର ଆରୁଖ ସଭାପତିତ୍ୱ କରିଥିବାବେଳେ ବ୍ୟାଙ୍କର ସାଧାରଣ ସମ୍ପାଦକ ନୀଳକଣ୍ଠ ଦାସ ବିଦେଶୀ ପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଧରାକୋଟ ଶାଖା ପରିଚାଳକ କେଦାରଗୌରୀ ଭଞ୍ଜ ପରିଚାଳନା ଓ ସଂଯୋଜନା କରିଥିଲେ।




## ଗାଁ ସାଥୀ ବୈଠକ

**ସୋରଡ଼ା,୨।୯(ଡି.ଏନ୍.ଏ.)**

ସୋରଡ଼ା ବ୍ଲକ ଗାଁ ସାଥୀମାନଙ୍କ ଏକ ବୈଠକ ବଡ଼ କାଳୀମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲଗୁଣ୍ଠା ବ୍ଲକର ଗାଁ ସାଥୀ ଧୋବା ପ୍ରଧାନଙ୍କ ଅକାଳ ବିୟୋଗରୁ ଶୋକ ସହ ନୀରବ ପ୍ରାର୍ଥନା କରାଯାଇ ସଂଘର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସଭାପତି ବଳରାମ ନାୟକ ସଭାପତିତ୍ୱ କରିଥିବାବେଳେ ସଭ୍ୟ ଗଣେଶ ସ୍ୱାଇଁ, ଜଗନ୍ନାଥ ବିଷୋୟୀ, ଜଗନ୍ନାଥ ସାହୁ, ନିତ୍ୟାନନ୍ଦ ଗୌଡ଼ଙ୍କ ସମେତ ସମସ୍ତ ଗାଁ ସାଥୀ ଯୋଗଦେଇଥିଲେ।



## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ ସହ ଲୁଟ୍ ମାମଲା : ଫେରାର ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୨।୯(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ରବିବାର ଅପରାହ୍ନରେ ଗୋକର୍ଣ୍ଣପୁର ଗ୍ରାମର ଚିନ୍ନାରି ଆଦି ପାତ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଅଗଷ୍ଟ ୮ରେ ଜଣେ ମହିଳାଙ୍କୁ ଟଣାଓଟରା କରିବା ସହ ଅଭିଯୁକ୍ତ ତାଙ୍କୁ ମାଡ଼ ମାରି ସୁନାଚେନ ଲୁଟି ନେଇଥିଲେ। ମହିଳାଙ୍କ ଏତଲାକ୍ରମେ ପୋଲିସ ନଂ. ୧୩୫/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗିରଫ ଭୟରେ ଅଭିଯୁକ୍ତ ଆଦି ଗାଁରୁ ଫେରାର ହୋଇଯାଇଥିଲେ। ଶନିବାର ସେ ଗାଁକୁ ଫେରିଥିବା ଖବର ପାଇ ପୋଲିସ ରାତିରେ ତାଙ୍କ ଘରେ ଚଢ଼ାଉ କରି ଗିରଫ କରିଥିବା ଆଇଆଇସି ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି।

### ପୈତୃକ ସମ୍ପତ୍ତି ପାଇଁ ସଂଘବଦ୍ଧ ଆକ୍ରମଣ, ଜଣେ ଗୁରୁତର

**ଦିଗପହଣ୍ଡି,୨।୯(ଡି.ଏନ.ଏ.):** ପୈତୃକ ସମ୍ପତ୍ତି ଭାଗବଣ୍ଟନକୁ କେନ୍ଦ୍ରକରି ରବିବାର ଅପରାହ୍ନ ପ୍ରାୟ ୪ଟାରେ ପଦ୍ମନାଭପୁର ଗ୍ରାମର ବାବୁ ସେଠୀଙ୍କୁ ଘାତକ ଆକ୍ରମଣ କରାଯାଇଛି। ସଂଘବଦ୍ଧ ଆକ୍ରମଣରେ ବାବୁଙ୍କ ବାମହାତ ଭାଙ୍ଗି ଯାଇଛି। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ବାବୁ ରାଜପୁର ଗାଁରୁ କାମ ସାରି ଫେରୁଥିବା ବେଳେ ପୂର୍ବ ଯୋଜନା ପ୍ରକାରେ ତାଙ୍କୁ ଆକ୍ରମଣ କରାଯାଇଥିବା କହିଛନ୍ତି। ଏନେଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି।

### ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରଙ୍କ ଦାବିପତ୍ର

**ଖଲ୍ଲିକୋଟ,୨।୯(ଡି.ଏନ.ଏ.):** ଖଲିକୋଟ ବ୍ଲକର ଡିପ୍ଲୋମା ଇଞ୍ଜିନିୟରମାନେ ସମୂହ ଛୁଟିରେ ସେପ୍ଟେମ୍ବର ୧୮ ତାରିଖରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ରହିବା ପାଇଁ ଆବେଦନ ପତ୍ର ବିଡ଼ିଓଙ୍କ ଅନୁପସ୍ଥିତିରେ ଏବିଡିଓ ଗଗନ ବିହାରୀ ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ। ଡିପ୍ଲୋମା ଇଞ୍ଜିନିୟରମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଚରମ ଅବହେଳା ପ୍ରତିବାଦରେ ସମୂହ ଛୁଟି ଆନ୍ଦୋଳନ ହେବ ବୋଲି ଜିଲା ସଭାପତି ସୁବାସ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। କ୍ୟାଡର ପୁନର୍ଗଠନରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ସମାନ ନ୍ୟାୟ ମିଳିବା, କ୍ୟାବିନେଟ ନିଷ୍ପତ୍ତି ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟକାରୀ କରାଯିବାରେ ଅହେତୁକ ବିଳମ୍ବ ହେବା ଇତ୍ୟାଦି ସଂଘର ପାଞ୍ଚ ଦଫା ନ୍ୟାର୍ଯ୍ୟ ଦାବି ରହିଛି। ଏହି ଛୁଟି ପାଇଁ ଆବେଦନ ପତ୍ର ଦେବା ସମୟରେ ଗଞ୍ଜାମ ଜିଲା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ସଭାପତି ସୁବାସ ଚନ୍ଦ୍ର ପାତ୍ର, ଦକ୍ଷିଣାଞ୍ଚଳ ମଣ୍ଡଳ ସମ୍ପାଦକ ବନବିହାରୀ ପଣ୍ଡା, ଉପସଭାପତି ଶଶିକାନ୍ତ ଜେନା, ଖଲିକୋଟ ବ୍ଲକ ଇଞ୍ଜିନିୟର ମହେଶ୍ୱର ସେଠୀ, ସୀମାଞ୍ଚଳ ରେଡୀ, କାର୍ଯ୍ୟକାରୀ ସଦସ୍ୟ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ୬ ଶିଶୁ ଶ୍ରମିକ ଉଦ୍ଧାର

**ଗୋପାଳପୁର,୨।୯:** ରାଜ୍ୟ ପୋଲିସ ପକ୍ଷରୁ ସାରା ରାଜ୍ୟରେ ପରୀ-୨ ଅପରେଶନ ଜାରି ରହିଥିବା ବେଳେ ଗୋଳନ୍ଥରା ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଡ. ଆଲୋକ କୁମାର ଜେନାଙ୍କ ନେତୃତ୍ୱରେ ରବିବାର ୬ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ ୪ ବିହାର ରାଜ୍ୟର ଶିଶୁ ଶ୍ରମିକ ଥିବାବେଳେ ଆସିକା ଅଞ୍ଚଳର ଜଣେ ଏବଂ ସୁମାଣ୍ଡି ଅଞ୍ଚଳର ଜଣେ ଶିଶୁ ଶ୍ରମିକ। ଉକ୍ତ ଥାନା କନିଷ୍ଠି ହାଟ, ରଣ୍ଡା, ସୋର୍ଲାରୋଡ, ସୁମାଣ୍ଡି, ହଳଦିଆପଦର, ଅଟୋନଗର ଓ ବିଭିନ୍ନ ଗ୍ରାମଗୁଡ଼ିକରେ ଥିବା ପାନଦୋକାନ, ହୋଟେଲ, ଟାୟାର ଦୋକାନରେ ଶିଶୁ ଶ୍ରମିକ ଭାବେ କାମ କରୁଥିଲେ। ସେମାନଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି। ଆଗାମୀ ୧୫ ପର୍ଯ୍ୟନ୍ତ ପରୀ-୨ ଅପରେସନ ପୋଲିସ ପକ୍ଷରୁ ଜାରି ରହିଥିବା ବେଳେ ୧୫ରୁ ୩୦ ଯାଏ ମୁସ୍କାନ-୨ ଅପରେଶନ ଜାରି ରହିବ ବୋଲି ଜଣାପଡ଼ିଛି। ଏନେଇ ଥାନାଧିକାରୀ ଜେନାଙ୍କୁ ପଚାରିବାରୁ କହିଥିଲେ, ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। କୌଣସି ଦୋକାନ ଗୁଡ଼ିକରେ ଶିଶୁଶ୍ରମିକ କାର୍ଯ୍ୟରତ ଥିଲେ ପୋଲିସକୁ ସୂଚନା ଦେବା ପାଇଁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

■ ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

# ଜାନୁୟାରୀ ୪ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

**ଛତ୍ରପୁର,୨।୯(ଡି.ଏନ.ଏ)**



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ।

ଆଗାମୀ ସାଧାରଣ ନିର୍ବାଚନ ନେଇ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଭୋଟର ତାଲିକା ଡ୍ରାଫ୍ଟ ପ୍ରକାଶ ପାଇଛି। ଏହା ଉପରେ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଆପତ୍ତି, ଅଭିଯୋଗ ଦାଖଲ କରିହେବ। ୨ ମାସ ଧରି ଏହି ପ୍ରକ୍ରିୟା ଚାଲିବ। ନଭେମ୍ବର ୩୦ ସୁଦ୍ଧା ଏହାର ଫଇସଲା କରାଯିବ। ପରେ ଡାଟାବେସ୍ ଅପଡେଟ୍ କରାଯାଇ ୨୦୧୯ ଜାନୁୟାରୀ ୪ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ଡ୍ରାଫ୍ଟ ପ୍ରକାଶ ପାଇବ। ଶନିବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ସୂଚନା ଦେଇଛନ୍ତି। ଭୋଟର ତାଲିକାରୁ ବାଦ୍, ସଂଯୋଗ ଓ ସଂଶୋଧନ ପାଇଁ ଆବେଦନ କରିହେବ। ଏ ନେଇ ଲୋକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ୧୩ ହଜାର ଇଭିଏମ ଆବଶ୍ୟକ। ଅନ୍ୟପକ୍ଷରେ ଉତ୍ତରପ୍ରଦେଶରୁ ଆସିଥିବା ୧୬ ହଜାର ୨୪୨ ଇଭିଏମ ଗଚ୍ଛିତ ଅଛି। ଏଠାରୁ ମାଲକାନଗିରି ଜିଲାକୁ ୪୫୩ ଇଭିଏମ ପଠାଯିବ। ଭିଭି ପ୍ୟାଟ୍ ଆସିନି। ଏହା ଆସିବା ପରେ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧିଙ୍କ ଉପସ୍ଥିତିରେ ଫାଷ୍ଟ ଲେଭଲ ଚେକିଂ କରାଯିବ ବୋଲି ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ କହିଛନ୍ତି। ଜିଲାରେ ୨୩୦ ବୁଥ୍ ବୃଦ୍ଧି ପାଇ ମୋଟ ୩,୦୬୩ ହୋଇଛି। ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୩୨ ବୁଥ୍ ବଢ଼ିଛି। ସେହିପରି ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୫, ଗୋପାଳପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୩୧, ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୧୬, ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀରେ ୧୫, କବିସୂର୍ଯ୍ୟନଗରରେ ୧୫, ଖଲ୍ଲିକୋଟରେ ୧୯ ବୁଥ ବୃଦ୍ଧି ପାଇଛି। ସେହିପରି ହିଞ୍ଜିଳିରେ ୧୪, ସାନଖେମୁଣ୍ଡିରେ ୧୨, ଚିକିଟିରେ ୭, ଭଞ୍ଜନଗରରେ ୧୧, ଆସିକାରେ ୧୫ ଏବଂ ସୋରଡ଼ାରେ ୧୮ ବୁଥ ବଢ଼ିଛି। ବ୍ରହ୍ମପୁରରେ କୌଣସି ସରକାରୀ ସ୍କୁଲର ଅବସ୍ଥା ଖରାପ ଥିଲେ ଘରୋଇ ସ୍କୁଲରେ ବୁଥ୍ କରାଯିବ। ଦିବ୍ୟାଙ୍ଗମାନଙ୍କ ସର୍ଭେ କରାଯାଉଛି, ସେମାନେ ଭୋଟ ଦେବା ପାଇଁ ସୁବ୍ୟବସ୍ଥା କରାଯିବ। ଫଳରେ ଭୋଟର ସଂଖ୍ୟା ବୃଦ୍ଧି ହେବ ବୋଲି ଅତିରିକ୍ତ ଜିଲପାଳ କହିଛନ୍ତି। ରାଜନୈତିକ ଦଳଗୁଡିକ ବୁଥ୍ ଲେଭଲ ଏଜେଣ୍ଟ ଦେବେ। ସଂଶୋଧନ ଓ ସଂଯୋଗ ପାଇଁ ଉକ୍ତ ଏଜେଣ୍ଟ ମାନେ ୩୦ ଆବେଦନ ପତ୍ର ଦାଖଲ କରିପାରିବେ। ଅନଲାଇନ୍‌ରେ ମଧ୍ୟ ଭୋଟର ତାଲିକା ସଂଶୋଧନ, ବାଦ୍ ଓ ସଂଯୋଗ ପାଇଁ ଆବେଦନ କରିହେବ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲପାଳ କବୀନ୍ଦ୍ର କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ।

■ ଅକ୍ଟୋବର ୩୧ ସୁଦ୍ଧା ଆପତ୍ତି ଦାଖଲ

■ ୨ ମାସ ଧରି ଚାଲିବ ଏହି ପ୍ରକ୍ରିୟା

# ଶ୍ରୀଅରବିନ୍ଦଙ୍କ ଯୋଗ ଦର୍ଶନ ଉପରେ ଆଲୋଚନାଚକ୍ର

**ଭଞ୍ଜନଗର,୨।୯(ଡି.ଏନ.ଏ.)**

ଭଞ୍ଜନଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ ଦର୍ଶନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାକେନ୍ଦ୍ର ସଭାପତି କୃତୀବାସ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଜୟପୁର ଆଶ୍ରମର ସାଧକ ହରିକୃଷ୍ଣ ପ୍ରଧାନ, ଗଞ୍ଜାମ ଜିଲା ମହିଳା ପାଠଚକ୍ର ସଂଯୋଜିକା ଗୀତାଞ୍ଜଳି ସେନାପତି, ମଧୁସ୍ମିତା ସାହୁ, ଭଞ୍ଜନଗର ମହିଳା ପାଠଚକ୍ରର ବିଜୟ ଲକ୍ଷ୍ମୀ ବିଶ୍ୱାଳ, ରତ୍ନମଞ୍ଜରୀ ପଣ୍ଡା, ସୁଷମା ପଣ୍ଡା, ପ୍ରତିମା ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହାପୂର୍ବରୁ ଡୁଡୁଆ କଇଥପଲ୍ଲୀରେ ତାରିଣୀ ଡ଼ାକୁଆ, ବାହାଡ଼ାପଦରରେ ଜଗବନ୍ଧୁ ଜେନା, ବଡ଼କୋଦଣ୍ଡାରେ ବିଜୟ ପ୍ରଧାନ, ଗୋବରା, ବିଡ଼ିପୁର ଆଦି ସ୍ଥାନରେ ନୂତନ ପାଠଚକ୍ର ଖୋଲିବା ସହ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଉପରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଶ୍ରୀଅରବିନ୍ଦ ଶକ୍ତିମୟୀ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ନିରଦାବାସିନୀ ପଟ୍ଟନାୟକ, ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ବସନ୍ତ କୁମାର ଖାଡ଼ଙ୍ଗା, ପୁରୁଷୋତ୍ତମ ଖଣ୍ଡୁଆଳ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନାରେ ସହଯୋଗ କରିଥିଲେ।

# ବିଜୁ ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟାଳୟ ଉଦ୍‌ଘାଟିତ



ବିଜୁ ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି ବିଧାୟକ।

**ପୋଲସରା,୨।୯(ଡି.ଏନ.ଏ.)**

ପୋଲସରା ସହରସ୍ଥିତ ଦାସରଥି ନଗର ଠାରେ ଶୁକ୍ରବାର ବିଜୁ ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ପୋଲସରା ବିଧାୟକ ତଥା ଜିଲା ଶ୍ରମିକ ସାମ୍ମୁଖ୍ୟର ସଭାପତି ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟାଳୟରେ ପଞ୍ଜିକୃତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ବିଧାୟକ ସାହୁ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟ ସମ୍ପାଦକ ସନ୍ତୋଷ କୁମାର ବେହେରା, ପୋଲସରା ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷା ସଂଯୁକ୍ତା ବାଡ଼ତ୍ୟାଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଓ ବିଜୁ ଯୁବ ବାହିନୀର ସମସ୍ତ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

# ଚକାପାଦରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ

**ଶଙ୍କରାଖୋଲ,୨।୯(ଡି.ଏନ୍.ଏ.)**



ଆଶ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।

କନ୍ଧମାଳ ଜିଲା ଚକାପାଦରେ ଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଆଶ୍ରମରେ ରବିବାର ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସ୍ୱାମିଜୀଙ୍କ ଉତ୍ତରାଧିକାରୀ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସୂର୍ଯ୍ୟପୂଜା, ଗୋ ପୂଜା, ଭୂମି ପୂଜା ଓ ସ୍ଫଟିକଲିଙ୍ଗ ପୂଜନ କରାଯାଇଥିଲା। ଏହାପରେ ଆଶ୍ରମରେ ଥିବା ସ୍ୱାମିଜୀଙ୍କ ପ୍ରତିମୂର୍ତ୍ତି ପୀଠରେ ହୋମଯଜ୍ଞ, ନାମଯଜ୍ଞ, ରୁଦ୍ରାଭିଷେକ, ସମାଧି ଅଭିଷେକ ଓ ଆରାଧନା କରାଯାଇଥିଲା। ଏଥିରେ ଗଜପତି ଜିଲାର ଲକ୍ଷ୍ମଣ ବାବା, ପୁରୀର ଅଭିଦାନନ୍ଦ ସରସ୍ୱତୀ, ଦଶପଲ୍ଲାର ବୈଷ୍ଣବ ବାବା, ଆଶ୍ରମ ପରିଚାଳକ କବିଚନ୍ଦ୍ର ନାଥ ଉପସ୍ଥିତ ରହି ଲକ୍ଷ୍ମଣାନନ୍ଦଙ୍କ ସ୍ମୃତି ଚାରଣ କରିଥିଲେ।

ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ତାଙ୍କ ବକ୍ତବ୍ୟରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାକୁ ୧୦ ବର୍ଷ ବିତିଯାଇଥିଲେ ମଧ ପ୍ରକୃତ ହତ୍ୟାକାରୀଙ୍କୁ ପୋଲିସ ଧରିବାରେ ବିଫଳ ହୋଇଥିବା ଅଭିଯୋଗ କରିବା ସହ ତଦନ୍ତ କମିଶନ ରିପୋର୍ଟକୁ ସାର୍ବଜନୀନ କରିବା ପାଇଁ ଦାବି କରିଥିଲେ। ହିନ୍ଦୁମାନଙ୍କୁ ସୁରକ୍ଷା ଦେବାକୁ ଦାବି କରିବା ସହ ନିଜ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ହିନ୍ଦୁମାନଙ୍କୁ ଆହ୍ୱାନ ଦେଇଥିଲେ। ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମକୁ ଚକାପାଦ ଆଶ୍ରମ ଦାୟିତ୍ୱରେ ଥିବା ସ୍ୱାମୀ କୃଷ୍ଣାନନ୍ଦ ସରସ୍ୱତୀ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ଅତିରିକ୍ତ ଏସ୍‌ପି ଉତ୍କଳ କୁମାର ଦାସ, ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଚକାପାଦ ଥାନା ଅଧିକାରୀ ସତ୍ୟଭାମା ବେହେରାଙ୍କ ସହ ୨ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ।

ପ୍ରକାଶ ଯେ, ୨୦୦୮ ଅଗଷ୍ଟ ୨୩ ତାରିଖ ଜନ୍ମାଷ୍ଟମୀ ଦିନ ତୁମୁଡିବନ୍ଧସ୍ଥିତ ଜଳେଶପଟ୍ଟା ଆଶ୍ରମରେ ଆତତାୟୀମାନଙ୍କ ଗୁଳିରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ତାଙ୍କର ୪ଜଣ ସହଯୋଗୀ ପ୍ରାଣ ହରାଇଥିଲେ। ଏହାପରେ ଜିଲାରେ ଦଙ୍ଗା ହୋଇଥିଲା।

# ମହାବିଦ୍ୟାଳୟର ବାଳିକା ହଷ୍ଟେଲ କାର୍ଯ୍ୟକ୍ଷମ

**ଚିକିଟି,୨।୯(ଡି.ଏନ.ଏ.)**

ଚିକିଟିଗଡସ୍ଥିତ ମହାବିଦ୍ୟାଳୟର ପ୍ରଥମଥର ପାଇଁ ଶୁକ୍ରବାର ବାଳିକା ହଷ୍ଟେଲ୍ କାର୍ଯ୍ୟକ୍ଷମ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଚିତ୍ର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ୧୫ଜଣ ଛାତ୍ରୀ ରହିବାର ସୁଯୋଗ ନେଇଛନ୍ତି। ମହାବିଦ୍ୟାଳୟ ନିର୍ମିତ ହୋଇ ଦୀର୍ଘ ୩୭ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ସୁଧା ବାଳିକା ହଷ୍ଟେଲ୍‌ର ସୁବିଧା ନ ଥିଲା। ଏହି ମହାବିଦ୍ୟାଳୟ ଉପରେ ଚିକିଟି ଓ ପାତ୍ରପୁର ବ୍ଲକର ବିଭିନ୍ନ ଦୂରଦୂରାନ୍ତର ଗ୍ରାମରୁ ଆସୁଥିବା ଛାତ୍ରୀମାନେ ରହିବାର ସୁଯୋଗ ନ ପାଇ ହଇରାଣ ହେଉଥିଲେ। କାର୍ଯ୍ୟକ୍ଷମ ହେବା ପରେ ସବୁ ସମସ୍ୟା ଦୂର ହୋଇଯିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ କହିଛନ୍ତି। ଏହି ହଷ୍ଟେଲ ୟୁଜିସି ଆନୁକୂଲ୍ୟରେ ୫୦ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ଜଣାପଡିଛି। ଉଦ୍‌ଘାଟନି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

■ ଘରେ ପଶି ମହିଳାଙ୍କୁ ଗାଳିଗୁଲଜ ମାମଲା

# ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ଦିଗପହଣ୍ଡି,୨।୯(ଡି.ଏନ.ଏ.)**

ଦିଗପହଣ୍ଡିସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ ରଞ୍ଜନ କୁମାର ପ୍ରଧାନ ଶନିବାର ମାମଲା ନଂ. ଜିଆର୩୦୭/୧୩ର ଶୁଣାଣି କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେହେଲେ ଦିଗପହଣ୍ଡି ଥାନା ବଡ଼ଡୁମ୍ବଳା ଗ୍ରାମର ସୁଶାନ୍ତ କୁମାର ଜେନା। ୨୦୧୩ ନଭେମ୍ବର ୬ ତାରିଖରେ ଅଭିଯୁକ୍ତ ଜଣେ ମହିଳାଙ୍କୁ ଘରେ ପଶି ଗାଳିଗୁଲଜ, ଅସଦାଚରଣ ଓ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିବା ମହିଳା ଜଣକ ଅଭିଯୋଗ କରିଥିଲେ। ଦିଗପହଣ୍ଡିକୋର୍ଟରେ କେସ ନଂ. ୱାନସିସି ୨୩/୧୩ ଅନୁଯାୟୀ ମାମଲା ରୁଜୁ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ବଳରେ ଦିଗପହଣ୍ଡି ପୋଲିସ ଥାନା କେସ୍ ନଂ. ୧୩୪/୧୩ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ତତ୍କାଳୀନ ପୋଲିସ ଅଧିକାରୀ ଲକ୍ଷ୍ମୀ ନାରାୟଣ ବେହେରା ଚାର୍ଜସିଟ ପ୍ରଦାନ କରିବା ସହ ସାକ୍ଷ୍ୟ ପ୍ରଦାନ କରିଥିଲେ। ୭ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ମାଜିଷ୍ଟ୍ରେଟ କେବଳ ଦଫା ୨୯୪ ଆଇପିସି ଅନୁଯାୟୀ ଅଭିଯୁକ୍ତଙ୍କ ଠାରୁ ୧ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୧୫ ଦିନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ଜରିମାନା ଅର୍ଥ କୋର୍ଟରେ ଦାଖଲ କରିଥିବା ସରକାରୀ ଓକିଲ ନକୁଳ ପ୍ରଧାନ ଜଣାଇଛନ୍ତି।

**୧ ହଜାର ଜରିମାନା, ଜରିମାନା ଅନାଦେୟ ୧୫ ଦିନ ଜେଲ**

### ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଅବସର

# ବିଦାୟୀ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଲେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି

**ଗଞ୍ଜାମ,୨।୯(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ଶୁବଳୟା ପଞ୍ଚାୟତ ଶୁବଳୟା ଗୋପାଳକୃଷ୍ଣ ଉଚ୍ଚ ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସରେ ଚାକିରୀରୁ ଅବସର ନେଇଛନ୍ତି। ଏହି ଅବସରରେ ଏକ ବିଦାୟକାଳିନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁକୋ କ୍ଲବ ଜିଲା ସଂଯୋଜକ ତଥା ଉକ୍ତ ସ୍କୁଲ ବିଜ୍ଞାନ ଶିକ୍ଷକ ଡ଼. ଶଙ୍କର ନାରାୟଣ ବେଜ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ନରାୟଣ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଛତ୍ରପୁର ବିଧାୟକ ପ୍ରିୟାଂଶୁ ପ୍ରଧାନ, ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ଼ି, ଅଶୋକ ଚୌଧୁରୀ, ଆଦିକନ୍ଦ ସେଠୀ, ପୂର୍ବତନ ନଗରପାଳ ସୁବାଷ ଚନ୍ଦ୍ର ପଣ୍ଡା, ଜିଲା ବନଖଣ୍ଡ ଅଧିକାରୀ ଆଶିଶ କୁମାର ବେହେରା, ଖଲିକୋଟ ରେଞ୍ଜର ଦିଲିପ କୁମାର ମାର୍ଥା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିଲୋଚନ ତ୍ରିପାଠୀ, ଶୁବଳୟା କଲେଜ ଅଧ୍ୟକ୍ଷ ସିଏଚ୍ ସୁଧାକର, ପୂର୍ବତନ ସରପଞ୍ଚ କେଦାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଅବସର ନେଇଥିବା ପ୍ରଧାନ ଶିକ୍ଷକ ବିଶ୍ୱାଳଙ୍କୁ ଚାକିରି କ୍ଷେତ୍ରରେ ଅତୁଳନୀୟ ଅବଦାନ ଯୋଗୁଁ ତାଙ୍କୁ ପୂର୍ବରୁ ମଧ ପ୍ରକୃତିମିତ୍ର, ପ୍ରକୃତିବନ୍ଧୁ ଆଦି ସମ୍ମାନ ମିଳିଥିଲା। ଏହି ସ୍କୁଲକୁ ଆଗେଇ ନେବାରେ ବିଶ୍ୱାଳ ପ୍ରମୁଖ ଦାୟିତବ ନେଇଥିବା ବିଭିନ୍ନ ଅତିଥି ମତବ୍ୟକ୍ତ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ସ୍କୁଲ ପରିସରରେ ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧୀ, ନେତାଜୀ, ସୁବାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ ଦାସ, ମଧୁସୂଦନ ଦାସ ଏବଂ ମହରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି।



ମଞ୍ଚାସୀନ ଅତିଥିବୃନ୍ଦ।

# ୮୮ ଜଣ ଦେଲେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା

**ବୁଗୁଡ଼ା,୨।୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକର ୫୩ଟି ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରୁ ଶନିବାର ୮୮ ଜଣ ଛାତ୍ରୀଛାତ୍ର ସ୍ଥାନୀୟ ପିପୁଲ୍ସ ହାଇସ୍କୁଲରେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଛନ୍ତି। ମୋଟ ୯୨ ଜଣଙ୍କ ମଧ୍ୟରୁ ୪ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା କେନ୍ଦ୍ରରେ କେନ୍ଦ୍ର ଅଧିକ୍ଷକ ରୂପେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଦାୟିତ୍ୱ ନିର୍ବାହ, ପର୍ଯ୍ୟବେକ୍ଷକ ଭାବେ ବିଇଓ ରସାନନ୍ଦ କର ପରୀକ୍ଷା କେନ୍ଦ୍ର ପର୍ଯ୍ୟବେକ୍ଷଣ କରିଥିଲେ। ସେହିପରି ପରୀକ୍ଷା ପରିଚାଳନାରେ ୮ ଜଣ ସିଆରସିସି ନିରୀକ୍ଷଣ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପ୍ରଧାନ ଶିକ୍ଷକ କାଳି ଚରଣ ବେହେରା, ଏବିଇଓ ପିତାମ୍ବର ବିଷୋୟୀ ଶେଖର ନାୟକ ପରିଚାଳନାରେ ସହଯୋଗ କରିଥିଲେ।

# କଳିଙ୍ଗ ବୈଶ୍ୟ ସଂଘର ସାଧାରଣ ଅଧିବେଶନ

**ଆସିକା,୨।୯ (ଡି.ଏନ୍.ଏ)**

କଳିଙ୍ଗ ବୈଶ୍ୟ ସଂଘ ଋଷିକୂଲ୍ୟା ଅଞ୍ଚଳର ୨୫ତମ ସାଧାରଣ ଅଧିବେଶନ ଶନିବାର ସ୍ଥାନୀୟ ଅଶୋକା ସିନେମା ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କେ. ରାମଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟସ୍ତରୀୟ ମହାସଂଘ ସଭାପତି ଇ. ପୁରୁଷୋତ୍ତମ ପାତ୍ର, ସମ୍ମାନିତ ଅତିଥି ରୂପେ ରାଜ୍ୟ ସମ୍ପାଦକ ବି. ରାମନାରାୟଣ ପାତ୍ର ଓ ଯୁଗ୍ମ ସମ୍ପାଦକ ଏ. ସୁରେଶ ଚନ୍ଦ୍ର ପାତ୍ର, ମହିଳା ମହାସଂଘ ସାଧାରଣ ସମ୍ପାଦିକା କେ. ମାଧବୀ ପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଅଗ୍ରଣୀ ମହିଳା ସଂଘ ଭାବେ ଆସିକା ତୃତୀୟ ମହିଳା ସଂଘ, ଶେରଗଡ, ପୋଚିଲିମା, ସୋରଡା ଏବଂ ବଡଗଡ ଓ ପୋଲସରା ଦ୍ୱିତୀୟ ମହିଳା ସଂଘକୁ ସମ୍ମାନୀତ କରାଯାଇଥିଲା। ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୩ ଛାତ୍ରୀ ଓ ଗଣମାଧ୍ୟମ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଲାଗି ସଂଘର ସଦସ୍ୟା ସୁମିତ୍ରା ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଆସନ୍ତା ବର୍ଷ ଲାଗି ସଂଘ କାର୍ଯ୍ୟକର୍ତ୍ତା ନିର୍ବାଚନ ହୋଇଥିଲା। କେ. ଗୋପାଳ କୃଷ୍ଣ ସେନାପତି, ସଭାପତି, ବି. ଚେଇନ ପାତ୍ର, ଉପସଭାପତି, ଏସ ତ୍ରିନାଥ ପାତ୍ର, ସମ୍ପାଦକ, ପି. ଲକ୍ଷ୍ମୀନାରାୟଣ ପାତ୍ର, ଯୁଗ୍ମ ସମ୍ପାଦକ ଓ ସିଏଚ. ବୃନ୍ଦାବନ ପାତ୍ର, କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଇ. ଅରୁଣ କୁମାର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ରଜମୋହନ ପାତ୍ର, କିଶୋର ମୋହନ ପାତ୍ର, ବି. ଭେଙ୍କଟରମଣ ମୂର୍ତ୍ତି, ପ୍ରକାଶ ଚନ୍ଦ୍ର ପାତ୍ର, ଏସ. ସୁଜିତ କୁମାର ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜମାତା ବିଦ୍ୟାଳୟ ସୁରକ୍ଷା କମିଟିର ଆଲୋଚନା ସଭା

**ଦିଗପହଣ୍ଡି,୨।୯(ଡି.ଏନ.ଏ.)**

ଦିଗପହଣ୍ଡିସ୍ଥିତ ରାଜମାତା ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟାରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ କୁରେଶୁ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟ ଜମିର ମାଲିକାନା ସତ୍ୱକୁ ନେଇ ଉପୁଜିଥିବା ସମସ୍ୟା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ହାଇକୋର୍ଟ ଓ ଜିଲା ଦୌରାଜଜ୍ କୋର୍ଟରେ ବିଦ୍ୟାଳୟ ସମ୍ପର୍କିତ ମାମଲା ବିଚାରାଧୀନ ଥିବାରୁ ଉକ୍ତ ବିଦ୍ୟାଳୟକୁ ନିକଟସ୍ଥ ଅନ୍ୟ ବିଦ୍ୟାଳୟରେ ସମ୍ମିଶ୍ରଣ ନ କରିବା ନିମନ୍ତେ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ବିଦ୍ୟାଳୟ ସପକ୍ଷରେ ଆଇନଗତ ଲଢ଼େଇ ପାଇଁ ସହରରେ ଗଣପାଣ୍ଠି ସଂଗ୍ରହ ପାଇଁ ସଭାରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଶିକ୍ଷା ବିଭାଗର ନୂତନ ନିଷ୍ପତ୍ତି ଅନୁଯାୟୀ ୧ ଶହ ମିଟର ପରିଧି ମଧ୍ୟରେ ଏକାଧିକ ବିଦ୍ୟାଳୟକୁ ଉଚ୍ଛେଦ କରାଯାଇ ଗୋଟିଏ ବିଦ୍ୟାଳୟରେ ସମ୍ମିଶ୍ରଣ ପ୍ରସଙ୍ଗ ବିରୋଧରେ ବିଦ୍ୟାଳୟ ସୁରକ୍ଷା କମିଟିର ଏକ ପ୍ରତିନିଧି ଦଳ ବିଧାୟକ ତଥା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଏବଂ ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା ନିମନ୍ତେ ସଭାରେ ନିଷ୍ପତ୍ତି ନିଆଯାଇଥିଲା।

ରାଜମାତା ବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ସଭାରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବାଳା ମାଝି, ଅବସରପ୍ରାପ୍ତ ଶିକ୍ଷକ ଶିବରାମ ପଣ୍ଡା, ଅଶ୍ୱିନୀ କୁମାର ଦାସ, ଅଳକ ନାଥ ମିଶ୍ର, ତପନ କୁମାର ମିଶ୍ର, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ହରିକୃଷ୍ଣ ପଣ୍ଡା, ଡ଼ା. ସୂର୍ଯ୍ୟ ନାରାୟଣ ନନ୍ଦ, ସମୀର ଚନ୍ଦ୍ର ମିଶ୍ର, ଆଇନଜୀବୀ ପି. ଶିବ ଶଙ୍କର, ପ୍ରଭାକର ମେକାପ, ହରିକୃଷ୍ଣ ସାହୁ, ସୁଦର୍ଶନ ରାଜୁ ପ୍ରମୁଖ ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

■ ଆଇନଗତ ଲଢ଼େଇ ପାଇଁ ନିଷ୍ପତ୍ତି

■ ମନ୍ତ୍ରୀଙ୍କୁ ଭେଟିବେ ପ୍ରତିନିଧି ଦଳ

## ସଂକ୍ଷେପରେ

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜନ୍ମାଷ୍ଟମୀ ପାଳିତ

ବ୍ରହ୍ମପୁର ଅଫିସ,୨।୯: ବ୍ରହ୍ମପୁର ଗୋଷାଣୀ ନୂଆଗାଁ ଗୋକୁଳଧାମରେ ପ୍ରଥମଥର ପାଇଁ ଜନ୍ମାଷ୍ଟମୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ଠାକୁରଙ୍କ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥିଲା । ପରେ ଶୃଙ୍ଗାର ଆଳତି, କଳସ ଓ ଅଖଣ୍ଡଦୀପ ସ୍ଥାପନ, ମଧାହ୍ନ ଧୂପ ଲାଗି କରାଯାଇଥିଲା । ସନ୍ଧ୍ୟା ଆଳତି ପରେ ରାତ୍ରରେ ଠାକୁରଙ୍କ ଜନ୍ମାଭିଷେକ କରାଯାଇଥିଲା । ଏହି ଉତ୍ସବ ଦେଖିବାକୁ ମନ୍ଦିର ପରିସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଅନ୍ୟପକ୍ଷରେ ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସହରରେ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ଭଜନ, ଏକକ ନୃତ୍ୟ ଓ ଦଳଗତ ନୃତ୍ୟ ଛଦ୍ମବେଶ ପ୍ରଭୃତି ପ୍ରତିଯୋଗିତା ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରେ ଅନୁଷ୍ଠିତ ହୋଇଥିଲା ।

ଏଥିରେ ଶ୍ରୀକାନ୍ତ କିଶୋର ବାରିକ, ପ୍ରଭାତ ପଟ୍ଟନାୟକ, ହିନମଣି ବେହେରା, ଗୀତାଞ୍ଜଳୀ ପଣ୍ଡା, ପ୍ରକାଶ ଚନ୍ଦ୍ର ଶତପଥି ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। କେଦାର ଚୌଧୁରୀ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଜନ୍ମାଷ୍ଟମୀ ଉତ୍ସବ ଅବସରରେ ଶ୍ରୀକୃଷ୍ଣଙ୍କ କଥାମୃତ ସମ୍ପର୍କିତ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ । ସ୍ଥାନୀୟ ଉତ୍କଳ ଆଶ୍ରମ ରୋଡସ୍ଥିତ ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ସାଧୁ ସମାଜର ସଭାପତି ମହି ଯୁଗଳ କିଶୋର ପଣ୍ଡା, ଜୟରାମ ମହାରଣା, ରାମଚନ୍ଦ୍ର ବେହେରା, ବିଜୟ କୁମାର ରାଉତ ଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉପରେ ଆଲୋକପାତ କରିଥିଲେ । ପ୍ରଧାନ ଶିକ୍ଷକ ସୁରଜିତ କୁମାର ରାଉଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଅନୀତା ଚୌଧୁରୀ ଅତିଥି ପରିଚୟ ଦେଇଥିଲେ । ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ ।

### ନାରାୟଣ ସାହୁଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର

ବ୍ରହ୍ମପୁର ଅଫିସ୍,୨।୯: ଜାତୀୟ କ୍ରୀଡ଼ା ଦିବସ ଅବସରରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ଭାରୋତ୍ତୋଳନ ସଂଘ ସାଧାରଣ ସମ୍ପାଦକ ତଥା ଆନ୍ତର୍ଜାତୀୟ ରେଫରି ନାରାୟଣ ସାହୁଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ଦିବସରେ ଓଡ଼ିଶାର ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥିବା ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ । ତାଙ୍କୁ ଜିଲା ଭାରୋତ୍ତୋଳନ ସଂଘ ସଭାପତି ତଥା ରାଜ୍ୟ ଉପସଭାପତି କୁମୁଦ ଚନ୍ଦ୍ର ସାହୁ, ସଂଘ ଉପଦେଷ୍ଟା ରବି ରଥ, ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ, ଜିଲା କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ଦାଶ, ଭାରୋତ୍ତୋଳକ ଉଦୟନାଥ ସେଠୀଙ୍କ ସମେତ ବହୁ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି ।

■ ଟ୍ରେନ୍‌ରେ କଟିଗଲା ଛାତ୍ରଙ୍କ ଗୋଡ଼

# କ୍ଷଣିକରେ ଉଜୁଡ଼ିଗଲା ଡାକ୍ତରୀ ସ୍ୱପ୍ନ

ବ୍ରହ୍ମପୁର ଅଫିସ୍,୨।୯

ସେ ପଢ଼ିବାକୁ ଚାହୁଁଥିଲେ, ଡାକ୍ତର ହେବାକୁ ସ୍ୱପ୍ନ ଦେଖିଥିଲେ । ୫ଭଉଣୀ ଭାଇ ଏବଂ ମା' ବାପାଙ୍କୁ ସାହାରା ହେବାକୁ ଲକ୍ଷ୍ୟ ରଖିଥିଲେ । ଘର ବୋଝ ଉଠାଇବାକୁ ଅକ୍ଲାନ୍ତ ପରିଶ୍ରମ କରୁଥିଲେ । କିନ୍ତୁ କ୍ଷଣକ ଭିତରେ ଉଜୁଡ଼ିଗଲା ସବୁ ସ୍ୱପ୍ନ। ଟ୍ରେନ୍ ଚକା ତଳେ କଟିଗଲା ଗୋଟିଏ ଗୋଡ଼। ଆଉ ଗୋଟିଏ ଗୋଡ଼ କାଟିବାକୁ ଡାକ୍ତର କହିଛନ୍ତି । ବଡ଼ିଲା ପୁଅର ଏହି ଦୁର୍ଘଟଣା ଯେମିତି ପୂରା ପରିବାରକୁ ଚିନ୍ତାଗ୍ରସ୍ତ କରି ପକାଇଛି । ପାଖରେ ଟଙ୍କା ନାହିଁ, ବାପ ମା' କରିବେ କ'ଣ । ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି ମା ବାପା । ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌ର ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହେଉଥିବା ସନ୍ତୋଷ ସବର ଏବଂ ତାଙ୍କ ପରିବାରର ଏହି ଅସହାୟତା ଯିଏ ଦେଖୁଛି, କରୁଣ କାହାଣୀ ଯିଏ ଶୁଣୁଛି, ତା' ଆଖି ମଧ୍ୟ ଓଦା ହୋଇଯାଉଛି ।

ରାୟଗଡ଼ା ଜିଲା ଗୁଣୁପୁର ବ୍ଲକ ଅନଜରସିଂ ଗ୍ରାମର ସୁବାସ ଶବର ଏବଂ ଚାନ୍ଦିନୀ ସବରଙ୍କ ୨ପୁଅ ଏବଂ ୪ଝିଅ । ସୁବାସ ଜଣେ ଚାଷୀ। କିନ୍ତୁ ପୁଅ ଝିଅଙ୍କୁ ପାଠ ପଢ଼ାଇ ବଡ଼ ମଣିଷ ଭାବେ ଗଢ଼ିବାକୁ ଆପ୍ରାଣ ଚେଷ୍ଟା କରୁଥିଲେ। ବଡ଼ପୁଅ ସନ୍ତୋଷ ଗଜପତି ଜିଲା କାଶୀନଗରର ଶ୍ରୀରାମ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର । ଭବିଷ୍ୟତରେ ଡାକ୍ତର ହେବାକୁ ସ୍ୱପ୍ନ ଦେଖିଥିବା ସନ୍ତୋଷ ବିଜ୍ଞାନ ପଢୁଥିଲେ। କାଶୀନଗରରେ ରହିବାକୁ ସୁବିଧା ନ ଥିବାରୁ ଗୁଣୁପୁରରେ ଏକ ଘର ଭଡ଼ା ନେଇ ରହୁଥିଲେ । ତାଙ୍କ ସହ ଅନ୍ୟ ଭାଇ ଭଉଣୀମାନେ ମଧ୍ୟ ରହୁଥିଲେ। ଶନିବାର ରାତିରେ ଗୁଣୁପୁର-ପୁରୀ ଟ୍ରେନ୍‌ରେ କାଶୀନଗରରେ ଥିବା ଜଣେ ସାଙ୍ଗ ପାଖକୁ ଆସୁଥିଲେ। ରାତି ପ୍ରାୟ ସାଢ଼େ ୯ଟା ବେଳେ ଟ୍ରେନ୍ କାଶୀନଗର ଷ୍ଟେସନରେ ପହଞ୍ଚିଥିଲା । ଟ୍ରେନ୍ ଧୀରେ ଧୀରେ ଆଗକୁ ବଢୁଥିଲା। ଓହ୍ଲାଇବା ପାଇଁ ସନ୍ତୋଷ କବାଟ ପାଖରେ ଠିଆ ହୋଇଥିଲେ । ଠିକ୍ ଏତିକି ବେଳେ କେହି ତାଙ୍କୁ ପଛରୁ ଠେଲି ଦେଇଥିଲେ । ଚକା ତଳେ ପଡ଼ିଯାଇଥିଲେ ଶବର। ଟ୍ରେନ୍ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା । ଗୁରୁତର ଅବସ୍ଥାରେ ରେଲୱେ ପୋଲିସ ତାଙ୍କୁ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌କୁ ଅଣାଯାଇଥିଲା। ରବିବାର ସନ୍ତୋଷଙ୍କ ବାମ ଗୋଡ଼ କଟିଯାଇଛି। ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଛି । ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି ଡାହାଣ ଗୋଡ଼ ମଧ୍ୟ କାଟିବାକୁ ପଡ଼ିବ ।

ଖବର ପାଇ ମା' ଚାନ୍ଦିନୀ ଏବଂ ବାପା ସୁବାସଙ୍କ ସମେତ ପରିବାର ବର୍ଗ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌ରେ ପହଞ୍ଚିଥିଲେ । ସନ୍ତୋଷଙ୍କ ଚିକିତ୍ସା ପାଇଁ ଅଧିକ ଟଙ୍କା ଦରକାର। ବାପା ସୁବାସ ଚାଷ କରି ପରିବାର ଚଳାଉଥିବାରୁ ପାଖରେ ଟଙ୍କା ନାହିଁ । କୌଣସି ସୂତ୍ରରୁ ଖବର ପାଇ ପୂର୍ବତନ ଛାତ୍ରନେତା ସୁଶାନ୍ତ ସାମଲ ପହଞ୍ଚି ରବିବାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବଳକା ଯେଉଁ ସମୟରେ ଯାହା ସାହାଯ୍ୟ ଦରକାର, ଜଣାଇବାକୁ କହିଛନ୍ତି ।

ବାପା ସୁବାସଙ୍କ କହିବାନୁଯାୟୀ, ସନ୍ତୋଷ ଡାକ୍ତର ହେବା ସ୍ୱପ୍ନ ଦେଖିଥିଲେ, ସେଥି ପାଇଁ କଠିନ ପରିଶ୍ରମ ମଧ କରୁଥିଲେ । ପୁଅର ସ୍ୱପ୍ନ ପୂରଣ ରାସ୍ତାରେ କେବେ କୌଣସି ଅସୁବିଧାକୁ ଠିଆ ହେବାକୁ ଦେଇନି। ଯେତେବେଳେ ଯାହା ଟଙ୍କା ଦରକାର ପଡ଼ିଛି, ଯୋଗାଡ଼ କରି ଦେଇଛି । ଧାର କରଜ କରିଛି । କିନ୍ତୁ ଏବେ ଦୁର୍ଘଟଣା ପୁଅର ଗୋଡ଼ କଟିଯିବା ପରେ ସବୁ ଦିଗ ଯେମିତି ଅନ୍ଧାର ଦେଖାଯାଉଛି । ଚିନ୍ତା କରିବାର ସବୁ ଶକ୍ତି ଯେମିତି ହରାଇଛି । ଚିକିତ୍ସା ପାଇଁ ଆବଶ୍ୟକ ଟଙ୍କା, ପାଖରେ ନାହିଁ । ସରକାର କିମ୍ବା ବେସରକାରୀ ସଂଗଠନଗୁଡ଼ିକ ସାହାଯ୍ୟ କଲେ, ପୁଅର ଚିକିତ୍ସା ହୋଇପାରିବ ବୋଲି ସୁବାସ କାନ୍ଦିକାନ୍ଦି କହିଛନ୍ତି ।

### ଚିକିତ୍ସା ପାଇଁ ଅର୍ଥାଭାବ, ଚିନ୍ତାରେ ପରିବାର



ମେଡ଼ିକାଲ୍ ବେଡ୍‌ରେ ସନ୍ତୋଷ ଶବର ।

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା, ୪ ଗିରଫ

ବ୍ରହ୍ମପୁର ଅଫିସ, ୨।୯

ବ୍ରହ୍ମପୁର ସହର ଉପକଣ୍ଠ ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ପୋଲିସ ଉକ୍ତ ଗ୍ରାମର ୪ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଦକ୍ଷିଣପୁର ଗ୍ରାମର ହୃଷୀକେଶ ସାହୁ, ସାଗର ଗୌଡ, ରୁଦ୍ରପ୍ରତାପ ସ୍ୱାଇଁ ଏବଂ ଅଚ୍ୟୁତ କୁମାର ସ୍ୱାଇଁ । ଅଗଷ୍ଟ ୨୯ ତାରିଖ ଅପରାହ୍ନ ପ୍ରାୟ ୪ ଘଣ୍ଟ ୩୦ ମିନଟ୍‌ରେ ଅଭିଯୁକ୍ତମାନେ ସେହି ଗ୍ରାମର ସଞ୍ଜୟ ସାହୁ ନିଜ ଚାଷ ଜମିକୁ ଯାଉଥିବା ସମୟରେ ତାଙ୍କୁ ଅଟକାଇ ଯୁକ୍ତିତର୍କ କରିଥିଲେ । ପରେ ନିସ୍ଥୁକ ମାଡ ମାରି କେଉଁଆଡେ ଚାଲିଯାଇଥିଲେ । ଆକ୍ରମଣରେ ସଞ୍ଜୟ ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ସଞ୍ଜୟଙ୍କ ବାପା ରାଜୁ ସଦରଥାନାରେ ଏତଲା ଦେଇଥିଲେ । ପୋଲିସ ନଂ. ୧୯୪/୧୮ରେ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଆଇଆଇସି ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି ।



ଜନ୍ମାଷ୍ଟମୀ ଅବସରରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଧାକୃଷ୍ଣ ବେଶଧାରୀ ।

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

ବ୍ରହ୍ମପୁର ଅଫିସ,୨।୯

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଓ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ୬ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ଛାତ୍ରଙ୍କୁ ନେଇ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ବୃନ୍ଦାବନ ଦାଶ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାମୃତ ସମ୍ପର୍କରେ ଆଲୋଚନା କରିଥିଲେ । ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟରେ ମହେନ୍ଦ୍ର ରାଉତ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶ୍ରୀକୃଷ୍ଣଙ୍କ କଥାମୃତ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟରେ ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଏହି ପର୍ଯ୍ୟାୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଧାତ୍ମିକ ପ୍ରବଚକ ବାସୁଦେବ କୁଟୀର, ପୁରୀର ଛନ୍ଦାଚରଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଗୋରକ୍ଷା, ଧର୍ମରକ୍ଷା, ଗଙ୍ଗାମାତାଙ୍କ ସୁରକ୍ଷା, ନାରୀ ସୁରକ୍ଷା ଦିଗରେ ଶ୍ରୀକୃଷ୍ଣଙ୍କ ଗୁଣାବଳୀ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ଚତୁର୍ଥ ପର୍ଯ୍ୟାୟ ଉତ୍ସବରେ ନୀଳକଣ୍ଠ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଶ୍ରୀକୃଷ୍ଣଙ୍କ ଅଲୌକିକ କଥାମୃତ ବୁଝାଇଥିଲେ । ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ଶେଷ ପର୍ଯ୍ୟାୟରେ ବକ୍ତାମାନେ ଶ୍ରୀକୃଷ୍ଣଙ୍କ ଅବତାର ଗ୍ରହଣର ମୁଖ୍ୟ ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହ ଶ୍ରୀକୃଷ୍ଣଙ୍କ ଦିବ୍ୟମାର୍ଗକୁ ଅନୁସରଣ କରିବାକୁ ଉପଦେଶ ଦେଇଥିଲେ । ସମସ୍ତ ପର୍ଯ୍ୟାୟରେ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ୍ ରାଓ, ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି, ପରିଚାଳନା ସମିତି ସଭାପତି ଡକ୍ଟର ଶ୍ରୀକାନ୍ତ ମହାପାତ୍ର, ସମ୍ପାଦକ ସୁଦର୍ଶନ ପାଢ଼ୀ, ସହସମ୍ପାଦିକା ଇଂ. ମମତା ପାଣିଗ୍ରାହୀ, ସଦସ୍ୟ ଭୀମ ସେଠୀ, ସଦସ୍ୟା ପ୍ରଣତୀ ସାମଲ, ଉପଦେଷ୍ଟା ଧର୍ମରାଜ ସାହୁ, ନାରାୟଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହରିକୃଷ୍ଣ ପାଢ଼ୀ, ନରସିଂହ ଚୌଧୁରୀ, ରବୀନ୍ଦ୍ର ନାଥ ଜେନା ମଞ୍ଚାସୀନ ଥିଲେ । ଏହାପରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ବର୍ତ୍ତମାନର ସାମାଜିକ ପରିସ୍ଥିତିରେ ମା'ଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଶିଶୁଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ମା' ମାନେ ଯୋଗ ଦେଇଥିଲେ।

■ ସେବାନିବୃତ୍ତ କର୍ମଚାରୀ, ଶିକ୍ଷକ ବିକାଶ ମଞ୍ଚର ଦାବି

## ମାସିକ ହଜାରେ ଟଙ୍କା ଚିକିତ୍ସା ଭତ୍ତା ଦିଆଯାଉ

ବ୍ରହ୍ମପୁର ଅଫିସ,୨।୯

ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଗଞ୍ଜାମ ଜିଲା ଶାଖାର ବୈଠକ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘଦିନର ନ୍ୟାଯ୍ୟ ଦାବି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ପ୍ରଦାନରେ ସରକାରଙ୍କ ଅଣଦେଖାକୁ ସମାଲୋଚନା କରାଯାଇଥିଲା। ମାସିକ ହଜାରେ ଟଙ୍କା ଲେଖାଏ ଚିକିତ୍ସା ଭତ୍ତା ଦେବାକୁ ମଞ୍ଚ ପୁନର୍ବାର ଦାବି କରିଛି । ତ୍ୱରିତ ଘୋଷଣା କରା ନ ଗଲେ ଏହାର ପ୍ରତିବାଦରେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବାର ଚେତାବନୀ ଦିଆଯାଇଛି ।

ମଞ୍ଚ ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା କହିଛନ୍ତି, କେନ୍ଦ୍ର ସମେତ ଦେଶର ୨୩ ରାଜ୍ୟରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ମିଳୁ ନ ଥିବାରୁ ଓଡ଼ିଶା ସରକାର ମଧ ଏହି ବ୍ୟବସ୍ଥା ପ୍ରଚଳନ କରନ୍ତୁ । ଫଳରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ପେନସନ ଭୋଗୀ ଉପକୃତ ହୋଇପାରିବେ । ମୃତ୍ୟୁକାଳୀନ ଅନୁଦାନ ମଧ ମଞ୍ଜୁର କରିବାକୁ ସେ ଦାବି କରିଛନ୍ତି ।

ଅପରପକ୍ଷରେ ସପ୍ତମ ବେତନ କମିଶନ ସୁପାରିସେ ଦୁଇଟି ପେନସନ ଫର୍ମୁଲାରୁ ରାଜ୍ୟ ସରକାର ଗୋଟିଏ କାର୍ଯ୍ୟକାରୀ କରିଥିବାରୁ ମଞ୍ଚ ରାଜ୍ୟ ସମ୍ପାଦକ ଅସନ୍ତୋଷ ପ୍ରକାଶ କରିଛନ୍ତି । ଫଳରେ ପେନସନ ଭୋଗୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିବା ସେ ଅଭିଯୋଗ କରିଛନ୍ତି । ଉପରୋକ୍ତ ଦାବି ସମୂହ ନେଇ ଆସନ୍ତା ୨୫ରେ ଭୁବନେଶ୍ୱରରେ ବିଭିନ୍ନ ସଂଘର ମିଳିତ ବୈଠକ ଅନୁଷ୍ଠିତ ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବାର ନିଷ୍ପତ୍ତି ନିଆଯାଇଛି ।

### ଛାତ୍ରୀଙ୍କୁ ଦୁର୍ବ୍ୟବହାର, ଶିକ୍ଷକ ଅଟକ

ବ୍ରହ୍ମପୁର ଅଫିସ/କୁକୁଡାଖଣ୍ଡି, (ଡି.ଏନ.ଏ.),୨।୯: ବ୍ରହ୍ମପୁର ସଦର ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି । ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ନଂ. ୧୯୫/୧୮ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି । ପୂର୍ବରୁ ଛାତ୍ରୀ ଜଣକ ସମ୍ପୃକ୍ତ ଶିକ୍ଷକଙ୍କ ନିକଟକୁ କୋଚିଂ ପାଇଁ ଯାଉଥିଲେ । ସେତେବେଳେ ତାଙ୍କୁ ଦୁର୍ବ୍ୟବହାର କରିବାରୁ ସେ କୋଚିଂ ବନ୍ଦକରି ଦେଇଥିଲେ । ଗତ ୩୧ତାରିଖରେ ସେ କଲେଜ ଯାଉଥିବା ସମୟରେ ଗାଁ ନିକଟସ୍ଥ କେନାଲ କଡରେ ଶିକ୍ଷକ ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ସମ୍ପୃକ୍ତ ଛାତ୍ରୀ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଏତଲା ଦିଆଯାଇଥିଲା ।

## ମାରୁତି ୱାକର୍ସ କ୍ଲବର ସ୍ୱାସ୍ଥ୍ୟ ସମ୍ପଦ କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥି ।

ବ୍ରହ୍ମପୁର ଅଫିସ,୨।୯

ସାମାଜିକ ସଂଗଠନ ମାରୁତି ୱାକର୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସମ୍ପଦ କର୍ମଶାଳା ରବିବାର ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଗାନ୍ଧୀନଗରର ସିନିୟର ସିଟିଜେନ ପାର୍କ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ମହାବିଦ୍ୟାଳୟ ଇତିହାସ ବିଭାଗ ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ମଦନମୋହନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ଉନ୍ନତି ତଥା ଧର୍ମ, କର୍ମ ଅର୍ଜନ ନିମିତ୍ତ ସ୍ୱାସ୍ଥ୍ୟ ସମ୍ପଦର ଆବଶ୍ୟକତା ଉପରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ । କ୍ଲବ ସଭାପତି ହରିକୃଷ୍ଣ ପାଢୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଏ. କେଶବ ରେଡ୍ଡୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ସଞ୍ଜୟ ସାହୁ, କୋଷାଧ୍ୟକ୍ଷ ଟି. ବଦ୍ରିନାରାୟଣ ସୁବୁଦ୍ଧି, ଉପସଭାପତି ଦେବ ଦୁର୍ଲଭ ସାହୁ, ଉପଦେଷ୍ଟା ରାଜ କିଶୋର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପଦେଷ୍ଟା ଡ. ଶଙ୍କର ମାଝି ଏହାକୁ ସଂଯୋଜନା କରିଥିଲେ ।

## ଶ୍ରେଷ୍ଠ ବିଧାୟକ ପୁରସ୍କାର ପରେ ବ୍ରହ୍ମପୁର ବିଧାୟକଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୨।୯

ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ୨୦୧୬ ବର୍ଷ ପାଇଁ ପଣ୍ଡିତ ନୀଳକଣ୍ଠ ଦାସ ଶ୍ରେଷ୍ଠ ବିଧାୟକ ପୁରସ୍କାର ମିଳିଛି । ଗତ ୨୪ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ରବିବାର ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ, କ୍ରୀଡ଼ା, ଧାର୍ମିକ, ବ୍ୟବସାୟିକ ଏବଂ ଅନ୍ୟାନ୍ୟ ଶତାଧିକ ସଂଗଠନଗୁଡ଼ିକ ସମ୍ବର୍ଦ୍ଧନା ଦେଇଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଜୟନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ବେହେରା, ଚନ୍ଦ୍ରଶେଖର ସାହୁ, ବିକ୍ରମ ପଣ୍ଡା, ପିଏସ୍ଏନ୍. ପାତ୍ର, ଡେପୁଟି ମେୟର୍ ଜ୍ୟୋତ୍ସ୍ନା ନାୟକ, ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ବିଜେଡ଼ି ନେତା ଭଗବାନ ଗନ୍ତାୟତ, ଶରତ ପଟ୍ଟନାୟକ, ଗଞ୍ଜାମ ଓକିଲ ସଂଘ ସଭାପତି ମହୋନ ସିଙ୍ଗାରି, ସୁଶାନ୍ତ ସାବତ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ବର୍ଦ୍ଧନାର ପ୍ରତିଉତ୍ତରରେ ବିଧାୟକ ଚ୍ୟାଉପଟ୍ଟନାୟକ କହିଥିଲେ, ନିୟମିତ ବ୍ରହ୍ମପୁରର ସ୍ୱାର୍ଥ ପାଇଁ ଲଢ଼େଇ କରୁଥିବା ଯୋଗୁ ଶ୍ରେଷ୍ଠ ବିଧାୟକ ପୁରସ୍କାର ମିଳିଛି। କିନ୍ତୁ ସେ ଶ୍ରେଷ୍ଠ ନୁହନ୍ତି, ବରଂ ବ୍ରହ୍ମପୁରର ଜନତା ଶ୍ରେଷ୍ଠ । ଏ ସମ୍ମାନର ଅଧିକାରୀ ସେ ନୁହଁ, ବରଂ ବ୍ରହ୍ମପୁରର ଜନତା । ବାରମ୍ବାର ବ୍ରହ୍ମପୁର ଜନତା ତାଙ୍କୁ ଆଶୀର୍ବାଦ ଦେଇ ବିଧାନସଭାକୁ ପଠାଇଛନ୍ତି । ଜନତାଙ୍କ ଆଶୀର୍ବାଦ ହିଁ ତାଙ୍କର ଶକ୍ତି ବୋଲି ବିଧାୟକ ଡା.ଚ୍ୟାଉପଟ୍ଟନାୟକ ପ୍ରକାଶ କରିଥିଲେ । ଏହି ଅବସରରେ ଜିଲା ବିଜେଡ଼ି ସମେତ ଶତାଧିକ ସଂଗଠନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମହାନଗର ବିଜେଡ଼ି ସଭାପତି ବିଜୟ ଚନ୍ଦ୍ର ସାମଲ, ଡା. ଦିଲୀପ କୁମାର ପାତ୍ର, ଦୁର୍ଗା ପ୍ରସାଦ ପଣ୍ଡା, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ମୁକୁନ୍ଦ ଗୌଡ଼, ଗଣେଶ ଚୌଧୁରୀ, ସୁରେଶ ଚନ୍ଦ୍ର ତ୍ରିପାଠୀ, ପ୍ରମୋଦ ମହାରଣା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଶିବ ସାହାଣୀ, ଜଗନ୍ନାଥ ସାବତ, ଟି. ଗୋପୀ ଓ ଏନ୍. ଧନଞ୍ଜୟ ରାଓ ପ୍ରମୁଖ ଉପସ୍ଥିତ ଥିଲେ।



ମହିଳା ବିଜେଡ଼ି ପକ୍ଷରୁ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

## ଡିଏମ୍ଏଲ୍‌ଟି, ଡିଏମ୍ଆର୍‌ଟି ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ବ୍ରହ୍ମପୁର ଅଫିସ, ୨।୯

ବ୍ରହ୍ମପୁର ଏମ୍‌କେସିଜି(ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ) ମୁଖ୍ୟ ଫାଟକ ସମ୍ମୁଖରେ ଗତ ୪୫ ଦିନ ଧରି ଚାଲିଥିବା ଡିଏମ୍ଏଲଟି (ଡିପ୍ଲୋମା ଇନ୍ ମେଡିକାଲ୍ ଲାବୋରେଟୋରୀ ଟେକ୍ନୋଲୋଜି) ଏବଂ ଡିଏମ୍ଆରଟି (ଡିପ୍ଲୋମା ଇନ୍ ମେଡିକାଲ୍ ରେଡିଓଲୋଜି ଟେକ୍ନୋଲୋଜି) ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ରବିବାର ପ୍ରତ୍ୟାହୃତ ହୋଇଛି । ଆସନ୍ତା ୧୫ ଦିନ ମଧ୍ୟରେ ରାଜ୍ୟ ସରକାର କିମ୍ବା ଡିଏମ୍ଇଟି (ଡାଇରେକ୍ଟର ମେଡିକାଲ୍ ଏଜୁକେଶନ ଆଣ୍ଡ ଟ୍ରେନିଂ) କର୍ତ୍ତୃପକ୍ଷ ଏ ନେଇ ପଦକ୍ଷେପ ଗ୍ରହଣ ନ କଲେ ବିଧାନ ସଭା ଘେରାଉ କରିବେ ବୋଲି ସଭାପତି ସୌମ୍ୟପ୍ରକାଶ ଷଡଙ୍ଗୀ ଓ ଉପସଭାପତି ଜଗଜିତ୍ ତ୍ରିପାଠୀ ରବିବାର ଧାରଣା ସ୍ଥଳରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ । ଗତ ଦେଢ ମାସ ଧରି ଛାତ୍ରୀଛାତ୍ର ୫ ଦଫା ଦାବି ନେଇ ଏମ୍‌କେସିଜି ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଆନ୍ଦୋଳନକାରୀମାନେ ନିଜର ଦାବିପତ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଏବଂ ଡିଏମ୍ଇଟି ନିର୍ଦ୍ଦେଶକଙ୍କ ନିକଟକୁ ପ୍ରେରଣ କରିଥିଲେ । କିନ୍ତୁ କୌଣସି ପ୍ରକାର ସୁଫଳ ନ ମିଳିବାରୁ ଅସନ୍ତୋଷ ଦେଖାଦେଇଛି । ଶେଷରେ ଡିଏମ୍ଇଟି କର୍ତ୍ତୃପକ୍ଷ ଏବଂ ସରକାରଙ୍କ ଉପରେ ନିରାଶ ହୋଇ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯେପରି ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାହତ ନ ଘଟେ ସେଥିପାଇଁ ରବିବାରରୁ ଆନ୍ଦୋଳନରୁ ଓହରି ଯାଇଥିବା ସେମାନେ ଜଣାଇଛନ୍ତି । ପ୍ରକାଶଯେ, ବ୍ରହ୍ମପୁର, କଟକ ଏବଂ ବୁର୍ଲା ମେଡିକାଲ୍ କଲେଜରୁ ପ୍ରତେକ ବର୍ଷ ୩୩୦ ଛାତ୍ରୀଛାତ୍ର ଡିଏମ୍ଏଲଟି ଓ ଡିଏମ୍ଆରଟିରୁ ପାସ୍ କରୁଥିବା ବେଳେ ବିଭିନ୍ନ ବେସରକାରୀ କଲେଜରୁ ମଧ୍ୟ ଶତାଧିକ ଛାତ୍ରୀଛାତ୍ର ପାସ୍ କରୁଛନ୍ତି । ଏମ୍‌କେସିଜିରେ ପ୍ରତେକ ବର୍ଷ ଡିଏମ୍ଏଲଟିରେ ୮୦ ଏବଂ ଡିଏମ୍ଆରଟିରେ୩୦ ଜଣ ସମୁଦାୟ ୧୧୦ ଜଣ ନାମ ଲେଖାଉଛନ୍ତି । ୨୦୧୩ ମସିହା ପୂର୍ବରୁ ଏମ୍‌କେସିଜିରେ ଡିଏମ୍ଏଲଟିରେ ୪୦ ଏବଂ ଡିଏମ୍ଆରଟିରେ ୨୦ ସିଟ୍ ପାଇଁ ଏଆଇସିଟିଇ ପକ୍ଷରୁ ଅନୁମୋଦନ କରାଯାଇଥିବା ବେଳେ ୨୦୧୩ରୁ ରାଜ୍ୟର କୌଣସି ହେଲେ ସରକାରୀ କିମ୍ବା ବେସରକାରୀ ମେଡିକାଲ କଲେଜରେ ଡିଏମ୍ଏଲଟି ଓ ଡିଏମ୍ଆରଟି ପାଇଁ ଏଆଇସିଟିଇ ପକ୍ଷରୁ ଅନୁମୋଦନ ହୋଇ ନ ଥିବା ସୂଚନା ଅଧିକାର ନିୟମ ବଳରେ ପ୍ରାପ୍ତ ସୂଚନାରୁ ଜଣାପଡିଛି । ଯାହା ଯୋଗୁ ଗତ ୫ ବର୍ଷ ହେଲା ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର କେନ୍ଦ୍ର ସରକାରଙ୍କ ଟେକ୍ନିକାଲ୍ ପୋଷ୍ଟ ପାଇଁ ଆବେଦନ କରିବାରୁ ବଞ୍ଚିତ ହେଉଥିବାରୁ ବିଭିନ୍ନ ପ୍ରକାର ୫ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ ଛାତ୍ରୀଛାତ୍ର। ଅନ୍ୟମାନଙ୍କ ମଧ୍ୟରେ ସବ୍ୟସାଚୀ ଘୋଷ ଓ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।




ଆନ୍ଦୋଳନ ପ୍ରତ୍ୟାହୃତ ପରେ ଖବରଦାତା ସମ୍ମିଳନୀ ।

ଧରିତ୍ରୀ
DHARITRI






# ମଇଁଷିକୁ ଧକ୍କା ଦେଲା ଯଶୋବନ୍ତପୁର-ଭାଗଲପୁର ଏକ୍ସପ୍ରେସ୍

ଗଞ୍ଜାମ,୨।୯(ଡି.ଏନ.ଏ.)

ଗଞ୍ଜାମ ରେଳ ଷ୍ଟେଶନସ୍ଥିତ କାଇଁଚପୁର ରେଳ ଫାଟକ ରେଳ ବିଭାଗ କ୍ୟାବିନ ସମ୍ମୁଖରେ ରବିବାର ଅପରାହ୍ନ ପ୍ରାୟ ୫ଟା ୨୧ରେ ଯଶୋବନ୍ତପୁରରୁ ଭାଗଲପୁର ଯାଉଥିବା ସୁପରଫାଷ୍ଟ ଏକ୍ସପ୍ରେସ୍ (ନଂ.୧୨୨୫୩) ଗୋଟିଏ ମଇଁଷିକୁ ଧକ୍କା ଦେଇଥିଲା। ମଇଁଷିର ଶିଙ୍ଗ ଓ ମୁଣ୍ଡ ଇଞ୍ଜିନ ଚକା ତଳେ ଚାପି ହୋଇ ରହିଯିବାରୁ ଟ୍ରେନ୍‌ଟି ଆଗକୁ ଗଡି ପାରି ନ ଥିଲା। ଟ୍ରେନ୍ ଇଞ୍ଜିନ ସିଜ୍ ହୋଇ ଯାଇଥିବା ବିଭାଗୀୟ ଇଞ୍ଜିନିୟର ଜଗନ୍ନାଥ ରାଓ ଯାଞ୍ଚ ପରେ ସୂଚନା ଦେଇଛନ୍ତି। ଗଞ୍ଜାମ ଷ୍ଟେଶନ ମାଷ୍ଟର ଏନେଇ ବ୍ରହ୍ମପୁର ଡିଭିଜନ ଏବଂ ଖୋର୍ଦ୍ଧା ଡିଭିଜନକୁ ଫୋନ ଯୋଗେ ଅବଗତ କରାଇଥିଲେ। ଫଳରେ ପଲାସାରୁ ଏକ ଇଞ୍ଜିନ ଆସି ସୁପରଫାଷ୍ଟକୁ ପଛରୁ ଠେଲି ଠେଲି ଗଞ୍ଜାମ ଷ୍ଟେଶନ ସମ୍ମୁଖକୁ ନେଇଥିଲା। ଟ୍ରାକ ଫିଟର ଯୋଗେନ୍ଦ୍ର ପାତ୍ରଙ୍କ କହିବା ଅନୁଯାୟୀ ବ୍ରହ୍ମପୁରରୁ ଏହି ଟ୍ରେନ୍ ଅପରାହ୍ନ ୪ଟା ୫୪ ମିନିଟରେ ଛାଡ଼ିଥିଲା।

ଟ୍ରେନ୍‌ଟି ପ୍ରାୟ ୩ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଫାଟକରେ ଅଟକି ରହିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଉଭୟ ପଟେ ଶହ ଶହ ଗାଡ଼ିମୋଟର ମଧ ଅଟକି ରହିଥିଲା। କିଛି ସାଇକେଲ ଆରୋହୀ ଟ୍ରେନ ଭିତର ଦେଇ ଯାଉଥିବା ଦେଖିବାକୁ ମିଳିଥିଲା। ରାତି ପ୍ରାୟ ୧୦ଟାବେଳେ ବ୍ରହ୍ମପୁରରୁ ଏକ ଇଞ୍ଜିନ ଆସି ଯୋଡା ଯିବା ପରେ ଟ୍ରେନ୍‌ଟି ଭଗଲପୁର ଅଭିମୁଖେ ଯାତ୍ରା କରିଥିବା ଗଞ୍ଜାମ ଷ୍ଟେଶନ ମାଷ୍ଟର ସୂଚନା ଦେଇଛନ୍ତି।


ଇଞ୍ଜିନ ଚକା ତଳେ ଲାଗିଥିବା ମଇଁଷି ମୁଣ୍ଡ।

- **ଗଞ୍ଜାମ ଷ୍ଟେଶନରେ ୩ ଘଣ୍ଟା ଅଟକିଲା**
- **ପଲାସାରୁ ଆସିଲା ଇଞ୍ଜିନ୍, ଯାତ୍ରୀ ହନ୍ତସନ୍ତ**

# ଅଜଣା ଗାଡ଼ି ଧକ୍କାରେ ଅଣ୍ଡିରା କୃଷ୍ଣସାରର ମୃତ୍ୟୁ

ଆସିକା,୨।୯(ଡି.ଏନ୍.ଏ.)

ଆସିକା-ବାଲିପଦର ମୁଖ୍ୟ ରାସ୍ତାର ଭେଟନଈ ଡାକ୍ତରଖାନା ନିକଟସ୍ଥ ପାଟରାବଗଡ ଠାରେ ରବିବାର ସକାଳେ ଏକ ଅଜଣା ଗାଡି ଧକ୍କାରେ ଗୋଟିଏ ଅଣ୍ଡିରା କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି। ଅଢେଇ ଫୁଟ ଉଚ୍ଚତା, ୪ ଫୁଟ ଲମ୍ବା ଓ ଦେଢ ଫୁଟ ଲେଖାଏଁ ଶିଙ୍ଗ ଥିବା କୃଷ୍ଣସାରଟିର ବୟସ ପ୍ରାୟ ୮ ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ମୃତ କୃଷ୍ଣସାରକୁ ଆସିକା ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଚାରିମଇଲିସ୍ଥିତ କୃଷ୍ଣସାର ମୃଗ ଶୁଶ୍ରୁଷା କେନ୍ଦ୍ର ପରିସରରେ ପୋତି ଦିଆଯାଇଥିବା ଆସିକା ବନାଞ୍ଚଳ ଅଧିକାରୀ ହରିହର ମଲିକ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ଜାନୁୟାରୀ ମାସ ଠାରୁ ଅଦ୍ୟାବଧି ଏ ଅଞ୍ଚଳରେ ଦୁର୍ଘଟଣା ଓ ସ୍ୱାଭାବିକ ପରିସ୍ଥିତିରେ ପ୍ରାୟ ୧୫ରୁ ଅଧିକ କୃଷ୍ଣସାରଙ୍କ ମୃତ୍ୟୁ ଘଟିଲାଣି। ଆସିକା ବନାଞ୍ଚଳର ଚାରିମଇଲି ଠାରୁ ଭେଟନଈ ମଧ୍ୟରେ କୃଷ୍ଣସାର ମୃଗ ବହୁଳ ଭାବେ ବିଚରଣ କରୁଥିବାବେଳେ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଆଖି ଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା କୃଷ୍ଣସାର ସୁରକ୍ଷା ସମିତିର ଅଧ୍ୟକ୍ଷ ତଥା ଭେଟନଈ ସରପଞ୍ଚ ଅମୂଲ୍ୟ କୁମାର ଉପାଧ୍ୟାୟ ଅଭିଯୋଗ କରିଛନ୍ତି।


ମୃତ କୃଷ୍ଣସାର।

# ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତକୁ ନେଇ ଆକ୍ରମଣ ମାମଲା, ୪ ଗିରଫ

ଦିଗପହଣ୍ଡି,୨।୯(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ସିଦ୍ଧେଶ୍ୱର ଗ୍ରାମର ୪ ଜଣଙ୍କୁ ରବିବାର ସନ୍ଧ୍ୟାରେ ମାରପିଟ୍ ଘଟଣାରେ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭଗବାନ ବିଷୋୟୀ, ଦୀପକ ବିଶୋୟୀ ଏବଂ ପ୍ରତିପକ୍ଷ ଗୋଷ୍ଠୀର ନରସିଂହ ବିଷୋୟୀ ଓ ସନ୍ତୋଷ କୁମାର ବିଷୋୟୀ। ଶୁକ୍ରବାର ଚିଟଫଣ୍ଡ ଟଙ୍କା ଫେରସ୍ତକୁ କେନ୍ଦ୍ରକରି ଭଗବାନ ତାଙ୍କ ସମ୍ପର୍କୀୟ ମାୟା ବିଶୋୟୀଙ୍କୁ ମାଡ଼ ମାରିଥିଲେ। ଏହାକୁ କେନ୍ଦ୍ରକରି ଉଭୟ ପରିବାର ମଧ୍ୟରେ ସଂଘର୍ଷ ଘଟିଥିଲା। ଏନେଇ ଉଭୟ ପକ୍ଷଙ୍କ ଏତଲାକ୍ରମେ ପୋଲିସ ନଂ. ୧୫୦/୧୮ ଓ ୧୫୧/୧୮ରେ ପୃଥକ ପୃଥକ ଭାବେ ୧୮ ଜଣଙ୍କ ନାଁରେ ୨ଟି ମାମଲା ରୁଜୁ କରିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ସନ୍ତୋଷ କୁମାର ଶତପଥି ଜଣାଇଛନ୍ତି।

# ଗରମ କାଞ୍ଜି ହାଣ୍ଡି ପଡ଼ି ଯୁବତୀ ଗୁରୁତର

ଦିଗପହଣ୍ଡି,୨।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ନରେନ୍ଦ୍ରପୁର ଗ୍ରାମରେ ରବିବାର ଅପରାହ୍ନ ପ୍ରାୟ ୫ଟାରେ ରୋଷେଇ କରୁଥିବା ବେଳେ ଗରମ କାଞ୍ଜି ହାଣ୍ଡି ଗୋଡ଼ରେ ପଡ଼ିଯିବାରୁ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସେ ହେଲେ ଏମ. ଗୀତା ରେଢ୍ଡୀ। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଗୀତା ରୋଷେଇ କରୁଥିବା ବେଳେ ଅସାବଧାନତା କାରଣରୁ ଗରମ କାଞ୍ଜି ହାଣ୍ଡି ଚୁଲିରୁ ଖସି ପଡ଼ିଥିଲା।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ